୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.27. No.72 Bhubaneswar Saturday April 26 2025 | ୨୭ତମ ବର୍ଷ ସଂଖ୍ୟା-୭୨ ଭୁବନେଶ୍ୱର, ଶନିବାର, ଅପ୍ରେଲ ୨୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## କାହିଁକି ଭାରତ ସହ ଯୁଦ୍ଧ କରିବାକୁ ବିକଳ ହେଉଛନ୍ତି ପାକିସ୍ତାନ ସେନା ମୁଖ୍ୟ ?



ଭୁବନେଶ୍ୱର, ୨୫।୪(ପି.ଏନ): ପୂରା ଦେଶକୁ ଏକାଠି କରିବା ପାଇଁ ଯୁଦ୍ଧ ଠାରୁ ଆଉ କିଛି ବି ବଡ ନୁହେଁ। ବର୍ତ୍ତମାନ ପାକିସ୍ତାନର ଆର୍ଥିକ ସ୍ଥିତି ସାଂଘାତିକ। ଦେଶର ୪ଟି ପ୍ରଦେଶ ମଧ୍ୟରୁ ୨ଟିରେ ବିଦ୍‌ରୋହୀ ପୂରା ସକ୍ରିୟ। ପାକିସ୍ତାନ ସେନାର ଲୋକପ୍ରିୟତା ସର୍ବକାଳୀନ ତଳେ ରହିଛି। ଦେଶରେ ସାମରିକ ବିଦ୍‌ରୋହର ଆଶଙ୍କା ରହିଛି। ସେନା ବିରୋଧରେ ଲୋକଙ୍କ ଆକ୍ରୋଶ ବଢ଼ି ଚାଲିଛି। ୧୯୭୧ ବିଭାଜନ ପରେ ପାକିସ୍ତାନ ଏବେ ପୁଣି ଭାଗ ହେବାର ଅତି ନିକଟରେ ପହଞ୍ଚି ଯାଇଛି। ତେଣୁ ଗୋଟିଏ ଛୋଟ ଧରଣର ଯୁଦ୍ଧ ଏକାଧିକ ସମସ୍ୟାର ସମାଧାନ କରିପାରେ ଓ ପହଲଗାମ ଆକ୍ରମଣ ଏହାର କାରଣ ହୋଇଥାଇ ପାରେ। ପହଲଗାମ ନରସଂହାରର ଜବାବ ଦିଆଯିବ ବୋଲି ଭାରତର ବରିଷ୍ଠ ନେତୃବୃନ୍ଦ କହି ସାରିଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ କେମିତି ଓ କେବେ? ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଯେ – ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ ମୁନିର ଭାରତ ସହ କାହିଁକି ସାମରିକ ବବାଦ ଆରମ୍ଭ କରିବାକୁ ବିକଳ ହେଉଛନ୍ତି ? ଉରି ଓ ପୁଲୱାମା ଆତଙ୍କବାଦୀ ହମଲା ପରେ ଭାରତର ମୁହଁତୋଡ ଜବାବ ଦେଖିବା ସ [illegible] ପାକିସ୍ତାନ ସେନା ମୁଖ୍ୟ ମୁନିର କାହିଁକି ଯୁଦ୍ଧ କରିବାକୁ ଚାହୁଁଛନ୍ତି ? ପାକିସ୍ତାନ ଭଲ ଭାବେ ଜାଣିଛି ଯେ ଭାରତ ସହ ଯୁଦ୍ଧ କଲେ ଜିତିବ ନାହିଁ। ଦେଶ ଦରକାର ପଡିଲେ ଧ୍ୱଂସ ହୋଇଯିବ। ତଥାପି ମୁନିର ବିବାଦ ସୃଷ୍ଟି କରିବାକୁ ଆଗେଇ ଆସିଛନ୍ତି। ୧୯୪୭ ମସିହା ବିଭାଜନ ପରଠାରୁ ଭାରତ ନିୟମିତ ଭାବେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ସାମ୍ନା କରୁଛି। କିନ୍ତୁ ପହଲଗାମ ଆତଙ୍କବାଦୀ ହମଲା ଅନ୍ୟ ସମସ୍ତ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ହମଲା ଠାରୁ ଭିନ୍ନ। ଏପ୍ରିଲ ୨୨ରେ ଦକ୍ଷିଣ କଶ୍ମୀରର ପହଲଗାମରେ ୨୬ ଜଣ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବାର ସହଯୋଗୀ ସଂସ୍ଥା ଦି ରେଜିଷ୍ଟାନ୍ସ ଫୋର୍ସ ଏଥିପାଇଁ ନିଜକୁ ଦାୟୀ କରିଛି।

## ରାଜଧାନୀରୁ ମିଳିଲା ଦୁଇଟି ମୃତଦେହ, ମୃତ୍ୟୁର କାରଣ ଅସ୍ପଷ୍ଟ

ଭୁବନେଶ୍ୱର, ୨୫।୪(ପି.ଏନ): ସକାଳୁ ସକାଳୁ ରାଜଧାନୀରୁ ମିଳିଲା ଦୁଇଟି ମୃତଦେହ । ଗୋଟିଏ ମୃତଦେହ ବାଣୀବିହାର ଷ୍ଟେସନ ନିକଟ ରେଳ ଧାରଣାରୁ ମିଳିଥିବା ବେଳେ ଅନ୍ୟଟି ଲିଙ୍ଗରାଜ ଷ୍ଟେସନ ନିକଟରେ ମିଳିଛି । ଉଭୟଙ୍କ ପରିଚୟ ମିଳିନାହିଁ। ତେବେ କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନି। ଏହା ହତ୍ୟା ନା ଆତ୍ମହତ୍ୟା କି ଦୁର୍ଘଟଣାରେ ଜୀବନ ଯାଇଛି ତାର ତଦନ୍ତ କରୁଛି ପୋଲିସ। ଦୁଇ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ପୋଲିସ ।

## ବ୍ଲକ୍ ବିଜେଡି ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୨୫।୪(ପି.ଏନ): ବ୍ଲକ୍ ବିଜେଡି ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ। ପ୍ରତିବାଦରେ ଦଶରଥପୁର ଥାନାରେ ବିଜେଡି ସମର୍ଥକଙ୍କ ହୋ ହାଲ୍ଲା । ଗତକାଲି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ସନ୍ଧ୍ୟା ସମୟରେ ଘରକୁ ଫେରୁଥିଲେ । ଏହି ସମୟରେ କାଟିଆ ଛକ ଠାରେ ରାଜେଶ ମହାନ୍ତି ଏବଂ ଭରତ ମହାନ୍ତି ତାଙ୍କୁ ଅଟକାଇ ଥିଲେ। ଅଜୟଙ୍କୁ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ ବେକରୁ ସୁନା ଚେନ ଓ ୧୫ ହଜାର ଟଙ୍କା ଛଡାଇ ନେଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦ କରିବାରୁ ନିକଟରେ ଲୁଚି ରହିଥିବା ଗୌରାଙ୍ଗ ମହାନ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଅଜୟ ପାଟି କରିବାରୁ ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟରେ ଅଜୟ ଚିକିତ୍ସା କରିବା ପରେ ଦଶରଥପୁର ଥାନାରେ ଅଭିଯୋଗ କରିଛନ୍ତି ।

## ଦଲାଲଙ୍କ ନଜରରେ କୋମଳମତି, ପୂର୍ବ ଶତ୍ରୁତା, ପ୍ରେମ ଓ ଅଙ୍ଗତସ୍କରୀ ମୁଖ୍ୟ କାରଣ

ଭୁବନେଶ୍ୱର, ୨୫।୪(ପି.ଏନ): ଦଲାଲଙ୍କ ନଜରରେ କୋମଳମତି ଶିଶୁ । ପୂର୍ବ ଶତ୍ରୁତା ଓ ଟଙ୍କା ପାଇଁ ବାଜିରେ ଲାଗୁଛି ଛୁଆଙ୍କ ଜୀବନ । କୋର୍ଟର ଗାଇଡଲାଇନ ଓ ପୋଲିସ ର ଏସଓପି କଡାକଡି ପାଇଁ ଦାବି । ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତର ଭାବେ ନେବାକୁ ଡିଜିପିଙ୍କ ନିର୍ଦ୍ଦେଶ । ଏପ୍ରିଲ ମାସ ୧୩ ତାରିଖ । ବିଳମ୍ବିତ ରାତିରେ ଖାରବେଳନଗର ଥାନା ଅନ୍ତର୍ଗତ ରାମମନ୍ଦିର ସମ୍ମୁଖରୁ ଦୃଷ୍ଟିବାଧିତ ମହିଳାଙ୍କ ଠାରୁ ପିଲାଚୋରି । ପରେ ପରେ ଡେଲାଙ୍ଗ ରତନପୁର ଅଞ୍ଚଳରେ ଶିଶୁକୁ ଅପହରଣ । ଏ ଘଟଣା ମନରୁ ନଳିଭୁଣୁ ଏୟାରଫିଲଡ଼ ଥାନା ଅନ୍ତର୍ଗତ ପାଞ୍ଚଗାଁରୁ ପୁଣି ଅପହୃତ ହୋଇଥିଲା ଚତୁର୍ଥ ଶ୍ରେଣୀର ପିଲା । ପରେ ପରେ ଗତ ୧୯ ତାରିଖରେ ପଳାଶୁଣି ଅଞ୍ଚଳରୁ ୧୧ ବର୍ଷୀୟ ନାବାଳକ ନିଖୋଜ ନେଇ ମଞ୍ଚ ?ଶ୍ୱର ଥାନାରେ ଏତଲା ପରେ ଏହି ଟ୍ରେଣ୍ଡ ଏବେ ପୋଲିସ ପାଇଁ ପାଲଟିଛି ମୁଣ୍ଡବିନ୍ଧା । ଚାଇଲ୍ଡ ଟ୍ରାଫିକିଂ ରୋକିବା ପାଇଁ ଟେକନିକାଲ ସପୋର୍ଟ ଏଜେନ୍ସି ପକ୍ଷରୁ ତିଆରି ହୋଇଛି ସ୍ୱ ?ଶାଲ ସେଲ । କୋର୍ଟ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା କୁ କଡାକଡି ପାଳନ ପାଇଁ ଜିଲ୍ଲା ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି । ପିଲା ନିଖୋଜ ହେଲେ ତୁରନ୍ତ ମିସିଂ ଚାଇଲ୍ଡ ପୋର୍ଟାଲରେ ପଞ୍ଜିକୃତ କରିବା ସହ ତଦନ୍ତକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁ ନିଖୋଜ ହେଲେ ଅଧଘଣ୍ଟା ଭିତରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଖୋଜିବା ସହ ସମସ୍ତ ଥାନାକୁ ଫଟୋ ପଠାଯିବ । ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଚାର କରାଯିବ । କିନ୍ତୁ ଏସବୁରେ ବ୍ୟତିକ୍ରମ ଯୋଗୁଁ ପିଲା ଚୋରି ରାଜ୍ୟରେ ବଢୁଥିବା କହିଛନ୍ତି ବିଶେଷଜ୍ଞ । ଗତ ବିଧାନସଭା ଅଧିବେଶନରେ ବାରବାଟୀ କଟକ ବିଧାୟକ ସୋଫିଆ ଫିରୌସ, ବିଗତ ୮ ମାସରେ କେତେ ଲୋକ ନିଖୋଜ ନେଇ ପଚାରିଥିବା ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ । ତଥ୍ୟ ମୁତାବକ ୨୦୨୪ ଜୁନ ୧ ରୁ ୨୦୨୫ ଫେବ୍ରୁଆରୀ ୨୮ ମଧ୍ୟରେ ୨୦ ହଜାର ୬୦ ଜଣ ନିଖୋଜ ହୋଇଥିବା ବେଳେ ସେଥିରୁ ଅଧିକାଂଶ ହେଉଛନ୍ତି ଶିଶୁ । ଆର୍ଥିକ ଅନାଟନ, ଶିକ୍ଷା ଦୀକ୍ଷାର ଅଭାବ, ଦାଦନ ପାଇଁ ମଧ୍ୟ ବାପା ମାଆଙ୍କ ଜାଣତରେ ପିଲା ବିକ୍ରି ହେଉଥିବା କହିଛନ୍ତି ରୁଚିକା ଚାଇଲ୍ଡଲାଇନ ନିର୍ଦ୍ଦେଶକ । ଘରଜଈ ର ତଥ୍ୟ ମୁତାବକ ୨୦୨୦ ରେ ୩ ହଜାର ୯୧୫ ଶିଶୁ ଅପହରଣ ହୋଇଥିବା ବେଳେ ୨୦୨୧ ରେ ୫ ହଜାର ୧୯୨ ଓ ୨୦୨୨ ରେ ତୁଳନାତ୍ମକ ଭାବେ ଏହା ୪.୩ ପ୍ରତିଶତ ବୃଦ୍ଧି ପାଇଛି । ଯାହାକୁ ନେଇ ସବୁ ମହଲରୁ ଉଦବେଗ ପ୍ରକାଶ ପାଇଛି ।

## ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବାପାଙ୍କୁ ମିଳିଲା ଆୟୁଷ୍ମାନ ଯୋଜନାର ବୟୋବନ୍ଦନା କାର୍ଡ



ଭୁବନେଶ୍ୱର,ଭୁବନେଶ୍ୱର, ୨୫।୪(ପିଏନ): ଏବେ ଧିରେ ଧିରେ ରାଜ୍ୟରେ ବଣ୍ଟାଯାଉଛି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ କାର୍ଡ ଆୟୁଷ୍ମାନ କାର୍ଡ ତଥା ବୟୋବନ୍ଦନା କାର୍ଡ। ଆଉ ଏହି କାର୍ଡ ପାଇଁ ବିଶେଷ କିଛି ଯୋଗ୍ୟତାର ଆବଶ୍ୟକତା ନାହିଁ। ପ୍ରାୟ ଅଧିକାଂଶ ଲୋକ ଏହି କାର୍ଡର ଲାଭ ପାଇପାରିବେ। ଆଉ ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବାପା ମୀନକେତନ ମହାଲିଙ୍ଗଙ୍କୁ ମଧ ମିଳିଛି ଏହି ସ୍ୱାସ୍ଥ୍ୟବୀମା ଯୋଜନାର କାର୍ଡ। ଯାହାର ସୂଚନା ଦେଇଛନ୍ତି ନିଜେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସ୍ୱାସ୍ଥ୍ୟାମନ୍ତ୍ରୀଙ୍କ ବାପା ମୀନକେତନ ମହାଲିଙ୍ଗ ହେଉଛନ୍ତି ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ। ଏବଂ ସେ ସ୍ୱାସ୍ଥ୍ୟକାର୍ଡ ପାଇବାକୁ ଯୋଗ୍ୟ। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ୭୦ ବର୍ଷରୁ ଅଧିକ ବୟସ୍କ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇବାକୁ କାର୍ଡ ଡାଉନଲୋଡ କରନ୍ତୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।କେବଳ ସେତିକି ନୁହେଁ ମୁକେଶ କହିଛନ୍ତି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ରାଜ୍ୟରେ ଲାଗୁ ହୋଇଥିବା ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା ଅଧୀନରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କୁ ମିଳିବ ସ୍ୱାସ୍ଥ୍ୟବୀମା। ମୁଁ ନିଜେ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସଂସଦୀୟ ବ୍ୟାପାର ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଦାୟିତ୍ୱରେ ଥାଇ ମଧ୍ୟ ମୋ ବାପା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମୀନକେତନ ମହାଲିଙ୍ଗ ବୟୋ-ବନ୍ଦନା ଯୋଜନା ଅଧୀନରେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଯୋଗ୍ୟ ହୋଇଥିବାରୁ ଆଜି ସେ ଏହି ଯୋଜନାରେ ପଞ୍ଜୀକରଣ କରାଇ ତାଙ୍କର ସ୍ୱାସ୍ଥ୍ୟ କାର୍ଡ ଡାଉନଲୋଡ କରିଛନ୍ତି।

## ରାଉରକେଲା ବିଶ୍ରା ଅଞ୍ଚଳରେ ପୋଲିସର ଡବଲ ଏନକାଉଣ୍ଟର



ଭୁବନେଶ୍ୱର, ୨୫।୪(ପି.ଏନ): ରାଉରକେଲା ବିଶ୍ରା ଅଞ୍ଚଳରେ ପୋଲିସର ଡବଲ ଏନକାଉଣ୍ଟର । ପୋଲିସର ଗୁଳିମାଡରେ ଦୁଇ ଦୁର୍ବୃତ୍ତ ଆହତ ହୋଇଛନ୍ତି । ଢାବାରେ ଡକାୟତି କରିବା ପାଇଁ ଆସି ଢାବା ମାଲିକଙ୍କୁ ଗୁଳିମାଡ କରିଥିଲେ ଦୁର୍ବୃତ୍ତମାନେ । ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ସମୟରେ ଦୁର୍ବୃତ୍ତମାନେ ପୋଲିସ ଉପରକୁ ଗୁଳିମାଡ କରିଥିଲେ । ପୋଲିସର ପାଲଟା ଗୁଳିମାଡ଼ରେ ଦୁଇ ଦୁର୍ବୃତ୍ତ ଆହତ ହୋଇଛନ୍ତି । ଆହତ ଢାବା ମାଲିକଙ୍କ ସହ ଦୁଇ ଦୁର୍ବୃତ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଦୁଇ ଆହତ ଦୁର୍ବୃତ୍ତଙ୍କ ସହ ମୋଟ ତିନି ଜଣ ଦୁର୍ବୃତ୍ତ ପୋଲିସ କବଜାରେ ରହିଛନ୍ତି।

## ଭଡା ଟଙ୍କା ପାଇଁ ମହିଳାଙ୍କ ତଣ୍ଟି ଚିପି ହତ୍ୟା ପରେ ପୋଖରୀରେ ଫିଙ୍ଗିଦେଲେ

ନୂଆପଡ଼ା, ୨୫।୪(ପି.ଏନ): ସାମାନ୍ୟ ଭଡା ଟଙ୍କା ପାଇଁ ମହିଳାଙ୍କ ତଣ୍ଟି ଚିପି ମାରିଦେଲେ ବୃଦ୍ଧାଙ୍କ ସମ୍ପର୍କୀୟ। ଆଉ ହତ୍ୟା ପରେ ନେଇ ପୋଖରୀରେ ଫିଙ୍ଗି ଦେଲେ। ହଁ ସାମାନ୍ୟ କେତେଟା ଭଡା ଟଙ୍କା ପାଇଁ ଚାଲିଗଲା ବୃଦ୍ଧାଙ୍କ ଜୀବନ। ଏ ବି କେମିତିକା ଲୋକ ବୁଢ଼ୀ ଲୋକଟାର ଭଡା ଟଙ୍କା ଉପରେ ଲୋଭ। ଶେଷରେ ବୁଢ଼ୀ ଲୋକଟିକୁ ଟଙ୍କା ମାଗିଥିଲେ ତାଙ୍କର ୨ ସମ୍ପର୍କୀୟ। ଆଉ ଟଙ୍କା ନ ଦେବାରୁ ବୁଢ଼ୀର ତଣ୍ଟି ଚିପି ମାରିଦେଲେ ସମ୍ପର୍କୀୟ ।ଆଉ ହତ୍ୟା ପରେ ନେଇ ମୃତଦେହକୁ ପୋଖରୀରେ ଫିଙ୍ଗିଦେଲେ। ତେବେ ଏହି ଲୋମଟାଙ୍କୁରା ହତ୍ୟା ଘଟିଛି କୋମନା ଥାନା ଟିର୍କାପଡ଼ା ଗାଁରେ। ଉକ୍ତ ଗାଁର ପୋଖରୀରୁ ମିଳିଥିଲା ମହିଳାଙ୍କ ମୃତଦେହ ।ହେଲେ ହତ୍ୟାକାରୀ ଧରାପଡିନଥିଲା। ହେଲେ ପୋଲିସର ଖୋଳତାଡ଼ ପରେ ହତ୍ୟା ଘଟଣା ସାମ୍ନାକୁ ଆସିଥିଲା। ତଣ୍ଟି ଚିପି ହତ୍ୟା ପରେ ପୋଖରୀରେ ଫିଙ୍ଗିଦେଲେ ୨ ଅଭିଯୁକ୍ତ। ୨ ସମ୍ପର୍କୀୟ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ସିନ୍‌ ରିକ୍ରିଏଲନ୍। ଭଡା ଟଙ୍କା ପାଇଁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର ମଧ କଲେ।

## ଛାତିରୁ ୩ ବର୍ଷ ପରେ ବାହାରିଲା ଛୁରୀ, ଏମକେସିଜିରେ ହେଲା ସଫଳ ଅସ୍ତ୍ରୋପଚାର



ବ୍ରହ୍ମପୁର, ୨୫।୪(ପି.ଏନ): ୩ ବର୍ଷ ପରେ ଛାତିରୁ ବାହାରିଲା ଛୁରୀ। ଏପରି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ । ତିନି ବର୍ଷ ହେଲା ଛାତିରୁ ଫୁସ୍‌ଫୁସ୍‌କୁ ବୁଲୁଥିଲା ଛୁରୀ । କାଶରୁ ରକ୍ତ ପଡିବା ପରେ ଡାକ୍ତର କରିଛନ୍ତି ସଫଳ ଅସ୍ତ୍ରୋପଚାର । ଜଣେ ୨୨ ବର୍ଷୀୟ ଯୁବକଙ୍କ ଶରୀରରୁ ବାହାରିଛି ୮ ଇଞ୍ଚର ଛୁରୀ । ସଫଳ ଅସ୍ତ୍ରୋପଚାର କରି ରୋଗୀଙ୍କୁ ନୂଆ ଜୀବନ ଦେଇଛନ୍ତି ଡାକ୍ତର । ଅସ୍ତ୍ରୋପଚାର ହୋଇଥିବା ଯୁବକ ହେଉଛନ୍ତି ସନ୍ତୋଷ । ସେ ବେଙ୍ଗାଲୁରରେ କାମ କରୁଥିବା ବେଳେ ଏକ ଗଣ୍ଡଗୋଳରେ ଫସି ଯାଇଥିଲେ । ସେହି ସମୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ବାମ ବେକ ତଳକୁ ଛୁରୀ ଭୁଷି ଦେଇଥିଲେ । ସେଠାରେ ଉପସ୍ଥିତ ଥିବା ଲୋକେ ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ଏହାପରେ ସେଠାକାର ଡାକ୍ତର ଚିକିତ୍ସା କରି ବେକରୁ ଖଣ୍ଡେ ଛୁରୀ ବାହାର କରିଥିଲେ । କିନ୍ତୁ ଆଉ ଖଣ୍ଡେ ଛୁରୀ ବେକରେ ହିଁ ରହିଯାଇଥିଲା । ଏହି ଭଙ୍ଗା ଛୁରୀକୁ ଛାତିରେ ରଖି ଜୀବନ ବିତାଉଥିଲେ ସନ୍ତୋଷ। ଫଳରେ ମାତ୍ର ତିନି ବର୍ଷ ପରେ ଆରମ୍ଭ ହୋଇଥିଲା ସ୍ୱାସ୍ଥ୍ୟ ସମସ୍ୟା ।ତାଙ୍କର ସବୁବେଳେ ଛାତି ବିନ୍ଧିବା ସହ କାଶ ଲାଗି ରହିଥିଲା । ଏପରିକି କାଶରୁ ମଧ ରକ୍ତ ପଡୁଥିଲା । ଫଳରେ ଡାକ୍ତର ତାଙ୍କୁ ଟିବି ହୋଇଛି କହି ଔଷଧ ଦେଇ ଚାଲିଥିଲେ । କିନ୍ତୁ, ସେ ଯେତେବେଳେ ଏମକେସିଜି ହସ୍ପିଟାଲ ଆସିଥିଲେ ଅସଲ କାରଣ ଜଣାପଡିଥିଲା ।ଏକ୍ସ-ରେ ପରେ ଜଣାପଡିଥିଲା ଯେ ତାଙ୍କ ଫୁସ୍‌ଫୁସ୍‌ରେ ଖଣ୍ଡେ ଛୁରୀ ରହିଛି । ସବୁଠୁ ବଡ କଥା ହେଉଛି କି ବାମ ପାଖ ଛାତିରୁ ଛୁରୀଟି ଯାଇ ଡାହାଣ ଫୁସ୍‌ଫୁସ୍‌ରେ ପହଞ୍ଚିଥିଲା । ଏକ୍ସ-ରେରୁ ଜଣାପଡିବା ଛୁରୀ ସମ୍ପର୍କରେ ଜଣାପଡିବା ପରେ ସିଟିଭିଏସ ଟିମ୍ ସଫଳତାର ସହ ଅସ୍ତ୍ରୋପଚାର କରି ଛୁରୀକୁ ବାହାର କରିଛି। ଅସ୍ତ୍ରୋପଚାର ପରେ ସନ୍ତୋଷ ଆଇସିୟୁରେ ଅଛନ୍ତି । ସେ ଖୁବ୍ କମ୍ ଦିନ ମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ସୂଚନା ମିଳିଛି ।

## ୪୫ ବର୍ଷ ପରେ ଶିମିଳିପାଳକୁ ମିଳିଲା ଜାତୀୟ ଉଦ୍ୟାନ ମାନ୍ୟତା

ଭୁବନେଶ୍ୱର, ୨୫।୪(ପି.ଏନ): ଦୀର୍ଘ ଅପେକ୍ଷାର ହେଲା ଅନ୍ତ । ୪୫ ବର୍ଷ ପରେ ଶିମିଳିପାଳକୁ ମିଳିଲା ଜାତୀୟ ଉଦ୍ୟାନ ମାନ୍ୟତା । ଗତକାଲି ଅର୍ଥାତ୍ ଏପ୍ରିଲ ୨୪ରେ ଶିମିଳିପାଳକୁ ସରକାରୀ ଭାବେ ନ୍ୟାସନାଲ ପାର୍କ ବା ଜାତୀୟ ଉଦ୍ୟାନ ରୂପେ ଘୋଷଣା କରିଛନ୍ତି ରାଜ୍ୟ ସରକାର । ଏଥିପାଇଁ ୧୯୮୦ ମସିହାରେ ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାପରେ ୧୯୮୫-୮୬ ମସିହାରେ ପୁଣି ଥରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ସବୁ ପ୍ରକ୍ରିୟା ସରିବା ପରେ ଗତକାଲି ଏଥିନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ଉଦ୍ୟାନ ଘୋଷଣା ପରେ ଏବେ ଶିମିଳିପାଳ ଉପରେ କୌଣସି ବ୍ୟକ୍ତି ବିଶେଷଙ୍କର କୌଣସି ଅଧିକାର ନାହିଁ । ସମ୍ପୂର୍ଣ୍ଣ ଅଧିକାର ସରକାରଙ୍କର । ଏବେ ଶିମିଳିପାଳର ୮୪୫ ବର୍ଗ କିଲୋମିଟର ଅଞ୍ଚଳରେ କୌଣସି ଜନବସତି ନାହିଁ । ଏବେ ଶିମିଳିପାଳରେ ୪୦ ଟି ବାଘ ଅଛନ୍ତି । ସେଥିମଧ୍ୟରୁ ୬ଟି ବାଘ ଶାବକ ଅଛନ୍ତି ବୋଲି ଜଣାପଡିଛି ।




## ପହଲଗାମ ଆକ୍ରମଣ, ପାକିସ୍ତାନ, ଇସ୍ରାଏଲ ଓ ହମାସ



ଭୁବନେଶ୍ୱର, ୨୫।୪(ପି.ଏନ): ଜମ୍ମୁ-କଶ୍ମୀର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ପହଲଗାମ ନରସଂହାର ଓ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲରେ ହମାସ କରିଥିବା ଆକ୍ରମଣରେ ଅନେକ ସମାନତା ରହିଛି। ହମାସ ଯେଉଁଭଳି ଭାବେ କ୍ୟାମେରା ଖଚିତ ହେଲମେଟ ପିନ୍ଧି ଇସ୍ରାଏଲର ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଥିଲା, ଠିକ ସେହିପରି ପହଲଗାମରେ ମଧ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କ୍ୟାମେରାରର ବ୍ୟବହାର କରିଥିଲେ।ଇସ୍ରାଏଲର ଲୋକମାନେ ପାର୍ଟି କରୁଥିବା ବେଳେ ସେମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ପହଲଗାମରେ ମଧ ଲୋକମାନେ ଘୋଡା ଚାଳନା ଠାରୁ ଆରମ୍ଭ କରି ପ୍ରାକୃତି ସୌନ୍ଦର୍ଯ୍ୟର ଉପଭୋଗ କରୁଥିବା ବେଳେ ଆତଙ୍କବାଦୀମାନେ ଗୁଳି ବର୍ଷା କରିଥିଲେ। ହମାସର ଆକ୍ରମଣ ପରେ ଇସ୍ରାଏଲ ପାଲଟା ଆକ୍ରମଣ କରିଥିଲା। ଏବେ ଭାରତ ମଧ ସେମିତି କିଛି କରିବ ବୋଲି କୁହାଯାଉଛି। ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀଙ୍କୁ ପାନେ ଦେବାକୁ ଭାରତ ରଣନୀତି ଆରମ୍ଭ କରି ଦେଇଥିବା ମଧ ଜଣାପଡିଛି। ପହଲଗାମ ଆକ୍ରମଣ ପାଇଁ ଆତଙ୍କବାଦୀମାନେ ହମାସ ଠାରୁ ଅନୁପ୍ରାଣିତ ହୋଇଥିଲେ। ଏପରି କହିବାର ଯଥେଷ୍ଟ କାରଣ ରହିଛି। ଗୁଇନ୍ଦା ତଥ୍ୟ କହୁଛି ଯେ ଗତ ଗୋଟିଏ ବର୍ଷ ମଧ୍ୟରେ ହମାସର ବିଭିନ୍ନ କମାଣ୍ଡର ଏକାଧିକ ଥର ପାକିସ୍ତାନ ଗସ୍ତ କରିଥିଲେ। ନିକଟରେ ହମାସର କିଛି ଟପ କମାଣ୍ଡର ପାକ ଅଧିକୃତ କଶ୍ମୀରକୁ ଯାଇ ବିଭିନ୍ନ ଆତଙ୍କବାଦୀ ସଂଗଠନର ମୁଖିଆମାନଙ୍କ ସହ ଆଲୋଚନା କରିଥିଲେ।

## ବଲାଙ୍ଗିରରେ କାଳବୈଶାଖୀର ତାଣ୍ଡବ: ଗଛ ପଡ଼ି ଦୁଇ ଜଣଙ୍କ ମୃତ

ବଲାଙ୍ଗିର, ୨୫।୪(ପି.ଏନ):ବଲାଙ୍ଗିର ଜିଲ୍ଲାରେ କାଳବୈଶାଖୀର ପ୍ରକୋପ ଦୁଇ ଜଣଙ୍କ ପ୍ରାଣ ନେଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ପ୍ରବଳ ବର୍ଷା ସହ ବଜ୍ରପାତ ଦେଖାଦେଇଥିଲା, ଯାହା ଏହି ଦୁର୍ଘଟଣାର କାରଣ ହୋଇଛି।ପ୍ରାପ୍ତ ସୂଚନା ଅନୁଯାୟୀ, ପୁଇଁତଲା ବ୍ଲକ ଆଠଗାଁ ରାସ୍ତା କସାବାହାଲ ନିକଟରେ ଏହି ଅଘଟଣ ଘଟିଛି। ପୀଡିତ ବ୍ୟକ୍ତିମାନେ ଅଟୋରେ ଯିବା ବେଳେ ସେମାନଙ୍କ ଉପରେ ଗଛ ପଡିଥିଲା, ଫଳରେ ଜଣେ ଯାତ୍ରୀ ଓ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୬ ଏପ୍ରିଲ (ଶନିବାର) ଠାରୁ ଓଡ଼ିଶାରେ ପୁଣି ବର୍ଷା/ଝଡ଼ବର୍ଷା ହୋଇପାରେ। ପୂର୍ବାନୁମାନ ଅନୁଯାୟୀ, ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର କିଛି ସ୍ଥାନରେ ବଜ୍ରପାତ ସହିତ ଝଡ଼ବର୍ଷା ଜାରି ରହିପାରେ। ଆଗାମୀ ଚାରି ଦିନ ମଧ୍ୟରେ ଓଡ଼ିଶାର କିଛି ଜିଲ୍ଲାରେ କୁଆପଥର ବର୍ଷା ଏବଂ ପ୍ରବଳ ବର୍ଷା ହୋଇପାରେ ବୋଲି ଆଇଏମଡି କହିଛି। ଏହି କାଳବୈଶାଖୀ ବର୍ଷା ରାଜ୍ୟବ୍ୟାପୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିରୁ ଆଶ୍ୱସ୍ତି ଆଣିପାରେ।୬ ଏପ୍ରିଲ ଦିନ ଅପରାହ୍ନ/ସନ୍ଧ୍ୟା ସମୟରେ ମାଲକାନଗିରି, ଗଞ୍ଜାମ, କୋରାପୁଟ ଏବଂ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ଏବଂ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।୨୭ ଏପ୍ରିଲ ଦିନ ଅପରାହ୍ନ/ସନ୍ଧ୍ୟା ସମୟରେ କୋରାପୁଟ, ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଏବଂ ଭଦ୍ରକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୫୦-୬୦ କିଲୋମିଟର ବେଗରେ ବଜ୍ରପାତ ଏବଂ ଘଣ୍ଟାପ୍ରତି ୫୦-୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଆଇଏମଡି ଏହି ଜିଲ୍ଲାଗୁଡ଼ିକ ପାଇଁ ଏକ କମଳା ସତର୍କତା ଜାରି କରିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅପ୍ରେଲ ୨୬**

# କାନରୁ ଗଇ କାଢୁଛନ୍ତି କି ?



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଅନେକଙ୍କୁ ଦେଖାଯାଏ ସେମାନେ ବେଳେ ବେଳେ ବା ସେମାନଙ୍କ ହାତରେ ଅବସର ସମୟଟି, କିମ୍ବା କାହାକୁ ଅପେକ୍ଷା କରିଥିଲେ କିମ୍ବା କାନ କିଛି ଅସ୍ୱାଭାବିକ ଲାଗିଲେ । କାନ ଭିତରେ ଡଟ୍ ପେନ, ଗାଡ଼ି ଚାବି, ତୁଳାକାଠି ବା ହାତରେ ଯେ କୌଣସି ଛୋଟିଆ ପତଳା ସରୁ ମୁନ କାଠି ମିଳିଲେ ସେମାନେ କାନରେ ଥିବା ଗଇ କାଢ଼ିବାକୁ ଚେଷ୍ଟା କରନ୍ତି । ଏ ଦୃଶ୍ୟଟି ପ୍ରାୟତଃ ଅନେକଙ୍କ ଠାରେ ଦେଖାଯାଏ । ତେବେ ଅନେକ ଜାଣିନଥାନ୍ତି ଏହି ବିପଜ୍ଜନକ କାର୍ଯ୍ୟ ଦ୍ୱାରା ସେମାନେ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଥାଏ । ବାସ୍ତବ କଥା ହେଉଛି ଉଦ୍ଦେଶ୍ୟହୀନ ଭାବେ କାନରେ କାଠି ବା ଅନ୍ୟ କୌଣସି ବାହାର ପଦାର୍ଥ ପୁରାଇ ଲୋକମାନେ ନିଜର ପରୋକ୍ଷରେ କାନର କ୍ଷତି ହିଁ କରିଥାନ୍ତି । ପ୍ରକୃତରେ ମଣିଷର କାନ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା ଭାବେ ଆପେ ଆପେ ସଫା ହୋଇଥାଏ ଯାହାକି ଏକ ଶାରୀରିକ ପ୍ରକ୍ରିୟା କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ କାନକୁ ନିୟମିତ ସଫା କରିବା ସେପରି ଏକ ଅତ୍ୟାବଶ୍ୟକ କାର୍ଯ୍ୟ ନୁହେଁ । ଯଦି କାନ ଭିତରେ ବାହାରର ଅତ୍ୟଧିକ ଧୂଳି, ମଇଳା ବା କୌଣସି ଅନ୍ୟାନ୍ୟ ଜିନିଷ ପଶିଯାଏ ତେବେ ଆପଣ ଏହାକୁ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶରେ ଡାକ୍ତରୀ ବ୍ୟବସ୍ଥାରେ ସଫା କରିପାରିବେ । କାନ ଭିତରେ ଥିବା ସୂକ୍ଷ୍ମ ଝିଲ୍ଲୀ ଆମ କାନ ମଇଳା ବା ଗଇର ଏକ ରକ୍ଷା କବଚ ଭାବେ ତାହା ଧୂଳି ଓ ଅନ୍ୟାନ୍ୟ ଅପରିଷ୍କାର ଜିନିଷ ଠାରୁ ରକ୍ଷା କରିଥାଏ । ଏହା ଆପଣା ଛାଏଁ ବାହାରିବାର ଶାରୀରିକ ବ୍ୟବସ୍ଥା ଥିବାବେଳେ ତାକୁ କୃତ୍ରିମ ଭାବେ ଖୋଳିବା ଦ୍ୱାରା ଏହି ମଇଳା ବା ଗଇର ସ୍ତର କାନର ଭିତର ଅଞ୍ଚଳକୁ ଠେଲି ହୋଇ ଚାଲିଯାଏ । ଯାହାଦ୍ୱାରା କର୍ଣ୍ଣ ଗହ୍ୱରରେ ଅଧିକ ଚାପ ସୃଷ୍ଟି ହୁଏ, ଶ୍ରବଣ କ୍ଷମତା ହ୍ରାସ ହେବା ସହ କାନରେ କଷ୍ଟ ମଧ୍ୟ ହୋଇଥାଏ । ଏହା ସଂକ୍ରାମକ ହୋଇ କାନର ଅଭ୍ୟନ୍ତରୀଣ ଅଙ୍ଗକୁ ଗୁରୁତର କ୍ଷତି ସାଧନ ମଧ୍ୟ କରିଥାଏ । ସେହିଭଳି କାନରେ ତେଲ ପକାଇବା ଏକ ଅନାବଶ୍ୟକ ଅଭ୍ୟାସ ଭାବେ ବିଚାର କରାଯାଏ । କାରଣ ପ୍ରଦୂଷିତ ତୁଟୁକାତୁଟୁକି ବା ଦେଶୀୟ ପ୍ରଣାଳୀର ପ୍ରସ୍ତୁତ ଏହି ତେଲ ସଂକ୍ରମଣକୁ ବଢ଼ାଇଥାଏ । କେତେକ ଲୋକଙ୍କର ଗାଡ଼ି ଚାବି କାନ ପୁରାଇବା ଏକ ଭୟଙ୍କର କୁଅଭ୍ୟାସ । ପ୍ରଥମତଃ ଗାଡ଼ିର ତୀକ୍ଷଣ ମୁନିଆ ଧାତବ କାଠି, ଦ୍ୱିତୀୟତଃ ଏହା ପେଟ୍ରୋଲିୟମ ପଦାର୍ଥର ସଂସ୍ପର୍ଶରେ ରହିଥିବାରୁ ଏହା କାନର ଭିତର ଗହ୍ୱର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ । ଆଜିକାଲି ବଜାରରେ କିଛି ଲୋକ କାନ ସଫା କରିବା ପାଇଁ ବୁଲୁଛନ୍ତି । ସେମାନେ ତଥାକଥିତ ସ୍ପିରିଟ ଦ୍ୱାରା ସଫା କରି ମଇଳା କାଢ଼ି ଆପଣଙ୍କୁ ଦେଖାଇ ସାବାସି ଅର୍ଥ ନେଉଛନ୍ତି । ଏହା ଯେ କେତେ ମାରାତ୍ମକ ଆପଣଙ୍କର କଳ୍ପନାର ବାହାରେ । କାନ ସଫା କରିବା ପାଇଁ କାନ ଆପଣଙ୍କୁ ସୂଚନା ଦେଇଥାଏ । କାନର ଶାରୀରିକ ପ୍ରକ୍ରିୟା ଏପରି ଯେ ଏହା ଅତି ସୂକ୍ଷ୍ମାତିସୂକ୍ଷ୍ମ ବ୍ୟବସ୍ଥା । ଯାହା ମସ୍ତିଷ୍କ ଓ ଶରୀରର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ଜଡ଼ିତ ହୋଇଥାଏ । ଏହି ସ୍ନାୟୁ ଯୋଗାଯୋଗ ବ୍ୟବସ୍ଥାର ସାମାନ୍ୟତମ ବ୍ୟତିକ୍ରମ ବା କୁପରିଣତି ଜଣଙ୍କୁ ସାରା ଜୀବନ କାଲ କରିଦେବା ପାଇଁ ଯଥେଷ୍ଟ ହୋଇଥାଏ । ଡାକ୍ତରୀ ବ୍ୟବସ୍ଥାରେ କାନ ସଫା କରିବାର ସୁଯୋଗ ନିଅନ୍ତୁ । ବାହାରକୁ ଯାଉଥିଲେ କାନକୁ ଘୋଡ଼ାଇବା ପାଇଁ ଇୟର କପ୍ ବ୍ୟବହାର କରିପାରନ୍ତି । ତେବେ କୌଣସି ପରିସ୍ଥିତିରେ କାନକୁ ନିଜ ବ୍ୟବସ୍ଥାରେ ସଫା କରନ୍ତୁ ନାହିଁ । ସେହିପରି ପାଣିରେ ବୁଡ଼ ଦେଇ ଗାଧୋଇବା ମଧ୍ୟ ଏକ ଖରାପ ଅଭ୍ୟାସ । କେହି କେହି କୁହନ୍ତି ଯେ ପାଣିରେ ବୁଡ଼ ମାରି ଗାଧୋଇଲେ କାନ ଆପଣା ଛାଏଁ ସଫା ହୋଇଯିବ ଏହା ମଧ୍ୟ ଏକ ଭୁଲ ଧାରଣା । କାନ ପରି ଏକ ସ୍ପର୍ଶକାତର ଅଙ୍ଗକୁ ଅଣଦେଖା କରନ୍ତୁ ନାହିଁ ଏବଂ କର୍ଣ୍ଣ-ନାସା-ଗଳା ବିଶେଷଜ୍ଞଙ୍କ ପରାମର୍ଶରେ ହିଁ କାନରୁ ଗଇ କାଢ଼ିବା ଉପଯୋଗୀ କିମ୍ବା ଅନୁପଯୋଗୀ ଏହାକୁ ନିର୍ଣ୍ଣୟ କରିପାରିବେ । ଡାକ୍ତରୀ ବ୍ୟବସ୍ଥାରେ ହିଁ କାନ ସଫା କରିବା ଅତ୍ୟନ୍ତ ପ୍ରୟୋଜନୀୟ ଏବଂ ଏହାଦ୍ୱାରା ଆପଣଙ୍କର କାନ ମଧ୍ୟ ସୁରକ୍ଷିତ ରହିପାରିବ ।

*ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'*
*କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮ ୨୭୬୭୬୦*

# ଗଣତନ୍ତ୍ରର ପ୍ରହସନ



ଗୋପାଳ ମହାପାତ୍ର

ଗଣତନ୍ତ୍ରର ସର୍ବମାନ୍ୟ ବାକ୍ୟ ହେଉଛି "ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ" । ଏହି ସର୍ବମାନ୍ୟ ବାକ୍ୟରୁ ସ୍ପଷ୍ଟ ଯେ ଗଣତନ୍ତ୍ରରେ ଲୋକେ ବା ଜନତା ହେଉଛନ୍ତି ସର୍ବ ଶକ୍ତିମାନ । ରାଜନୈତିକ ଦଳ ଜନତାଙ୍କ ଉର୍ଦ୍ଧ୍ୱରେ ବୋଲି କେଉଁଠାରେ କୁହାଯାଇନାହିଁ । କିନ୍ତୁ ଏବେ ଗଣତାନ୍ତ୍ରିକ ବିଂଶଗତି ଓ ବିଦୃପତାକାରଣରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଯେ ଜନତା ଶକ୍ତିହୀନ ବୋଲି ରାଜନୈତିକ ଦଳମାନେ ଭାବିନେଲେଣି । କେବଳ ଏତିକି ନୁହେଁ ନିର୍ବାଚନୀ ବଣ୍ଡକୁ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠରେ ହେବାକୁ ଥିବା ଶୁଣାଣିର କିଛି ଦିନ ପୂର୍ବରୁ ଦେଶର ଆଟର୍ଣ୍ଣିଜେନେରାଲ କହିଥିଲେ ଯେ ନୀତିଗତ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କର ନିଷ୍ପତ୍ତି ନେବାର ଅଧିକାର ନାହିଁ । ଆଟର୍ଣ୍ଣିଜେନେରାଲଙ୍କ ଏହି ବୟାନ କ'ଣ ପ୍ରାସଙ୍ଗିକ ବା ଠିକ କି ? ମାନ୍ୟବର ସୁପ୍ରିମକୋର୍ଟ ଅନେକ ବାର ଦେଶର ନିର୍ବାଚନୀ ପ୍ରକ୍ରିୟାକୁ ସୁଧାରିବା ଦିଗରେ ନିଷ୍ପତ୍ତି ଶୁଣାଇଛନ୍ତି । ରାଜନୀତିରେ ଦାଗୀ ରାଜନେତାଙ୍କ ପ୍ରତିନିଧିତ୍ୱ ଉପରେ ଅଙ୍କୁଶ ମଧ୍ୟ ଲଗାଇଛନ୍ତି । ୨୦୦୩ରେ ମାନ୍ୟବର କୋର୍ଟ ରାଜନେତାମାନେ ସେମାନଙ୍କର ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରସଙ୍ଗରେ କୋର୍ଟ କହିଥିଲେ ଯେ ରାଜନେତାଙ୍କ ବାବଦରେ ସବୁ କଥା ଜାଣିବାର ଅଧିକାର ଲୋକଙ୍କର ରହିଛି । ନିର୍ବାଚନୀ ବଣ୍ଡ ପ୍ରସଙ୍ଗରେ ମଧ୍ୟ ଏକଥା ଲାଗୁହେବା କଥା । ନିର୍ବାଚନୀ ପ୍ରକ୍ରିୟାରେ ଖର୍ଚ୍ଚ ହେଉଥିବା ଅର୍ଥ ଆଇନ ସମ୍ମତ ସ୍ରୋତରୁ ଆସିବା ଉଚିତ ଓ ଏହା ଉପରେ ହିଁ ନିର୍ବାଚନର ଶୁଚିତା ନିର୍ଭର କରିଥାଏ । ଏଣୁ ଲୋକଙ୍କର ଏକଥା ଜାଣିବା ଦରକାର ଯେ ରାଜନୈତିକ ଦଳମାନେ କେଉଁ ସ୍ରୋତରୁ କେତେ ପରିମାଣର ଅର୍ଥ ଆଣିଛନ୍ତି ବା ଆଣୁଛନ୍ତି । ଉଲ୍ଲେଖନୀୟ ଯେ ଯେତେବେଳେ ସଂସଦରେ ନିର୍ବାଚନୀ ବଣ୍ଡ ପ୍ରସଙ୍ଗକୁ ଆଇନଗତ ମାନ୍ୟତା ଦିଆଯିବାର ପ୍ରୟାସ କରାଯାଉଥିଲା ସେତେବେଳେ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କର ବୟାନ ଥିଲା ଯେ ଏହା ଆଇନରେ ପରିଣତ ହେଲେ ନିର୍ବାଚନ ପାଇଁ ଚାନ୍ଦା ଜୁଟାଇବାରେ ପାରଦର୍ଶିତା ଆସିବ ଓ ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲାଗିବ । କିନ୍ତୁ ଏ ପ୍ରସଙ୍ଗ ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ଆଟର୍ଣ୍ଣି ଜେନେରାଲ ଦେଇଥିବା ବୟାନର ତାତ୍ପର୍ଯ୍ୟ କ'ଣ ? ଏକଥା ନିଶ୍ଚୟ ଯେ ରାଜନୈତିକଦଳମାନେ ଶିଳ୍ପପତିମାନଙ୍କଠାରୁ କେତେ ଚାନ୍ଦା ଆଣୁଛନ୍ତି ସେକଥା ସାଧାରଣ ଲୋକେ ଜାଣିବା ଆବଶ୍ୟକ । ଶିଳ୍ପପତିମାନେ ଶାସନ ବା ରାଜନୀତିରଅପହାଓ୍ୱାକୁମାପିଚୁପି ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଇଥାନ୍ତି । ଏହା ଗୋଟିଏ ପକ୍ଷରେ ସେମାନଙ୍କର ଆର୍ଥିକ ନିବେଶ ଯାହା କାଳାନ୍ତରରେ ଗଣତନ୍ତ୍ରରେ ପୁଞ୍ଜିତନ୍ତ୍ରର ପୋଷଣ ହୋଇଥାଏ । ନିର୍ବାଚନୀ ବଣ୍ଡକୁ ନେଇ ଆଇନଗତ ପ୍ରାବଧାନ ହେଉଛି ଚାନ୍ଦା ଦେଉଥିବା ବ୍ୟକ୍ତି ଡିଜିଟାଲ ପଇଠ କରି ଷ୍ଟେଟ ବ୍ୟାଙ୍କରୁ ବଣ୍ଡ କ୍ରୟ କରିଥାଏ । ସରକାରୀ ଦଳକୁ ମିଳୁଥିବା ଚାନ୍ଦା ବାବଦରେ ବିରୋଧୀ ଦଳମାନେ ସଂପୂର୍ଣ୍ଣସୂଚନା ପାଇପାରନ୍ତି ନାହିଁ । ଶାସକ ଦଳକୁ ଅଧିକ ଚାନ୍ଦା ମିଳିଥାଏ ଓ ଏହାର ଫାଇଦା ଶାସକ ଦଳ ଉଠାଇଥାଏ । ଏକ ତଥ୍ୟ ଅନୁସାରେ ନିର୍ବାଚନୀ ଚାନ୍ଦାରେ ମିଳୁଥିବା ଚାନ୍ଦାର ଦୁଇ ତୃତୀୟାଂଶ ଚାନ୍ଦା ଶାସକ ଦଳକୁ ମିଳୁଛି ।

ଏବେ ଦେଶରେ ଏମିତି ଏକ ଅବସ୍ଥା ସୃଷ୍ଟି ହୋଇଛି ଯେ ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟବ୍ୟୟର ସୀମାଠାରୁ ଅଧିକ ଅର୍ଥ ନିର୍ବାଚନରେ ପ୍ରାର୍ଥୀମାନେ ବ୍ୟୟ କରୁଛନ୍ତି । ଏ ବାବଦରେ ସମସ୍ତେ ଜାଣନ୍ତି । ପ୍ରାର୍ଥୀମାନେ ନିର୍ବାଚନରେ ଯେଉଁ ଅର୍ଥ ବ୍ୟୟ କରୁଛନ୍ତି ତାହା ଆସୁଛି କେଉଁଠୁ ?ଏସବୁ ବାବଦରେ ଲୋକଙ୍କର ଜାଣିବାର ଅଧିକାର ଅଛି ନା ନାହିଁ ସେବାବଦରେ ତର୍ଜମା କରାଯିବା ଆବଶ୍ୟକ । ଲୋକେ ସଚେତନ ହେବା ଜରୁରୀ ଏଥି ସହିତ ଚାନ୍ଦା ପ୍ରକ୍ରିୟାକୁ ପାରଦର୍ଶୀ କରାଯିବା ମଧ୍ୟ ଜରୁରୀ । ଏପ୍ରସଙ୍ଗରେ ଦେଶର ସବୁଠାରୁ ବଡ ଆଇନ ଅଧିକାରୀ ବା ଆଟର୍ଣ୍ଣି ଜେନେରାଲ ଦେଇଥିବା ମନ୍ତବ୍ୟ ଗଣତନ୍ତ୍ର ପାଇଁ ଝଟକା ନିଶ୍ଚୟ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ- ୯୪୩୮୪୮୫୦୯୪*

# ବନ୍ଦୀ ଶୈଶବ ଓ ଅସହାୟ ବାର୍ଦ୍ଧକ୍ୟ



ଭାସ୍କର ବାରିକ୍

ସମୟ ପାଖାପାଖି ଅପରାହ୍ନ ପାଞ୍ଚଟା ତିରିଶ ହେବ । ଛୋଟ ଛୋଟ ପିଲା ଦୁଇଜଣ ରାସ୍ତା କଡ଼ରେ ଖୁସିରେ ଖେଳୁଛନ୍ତି । ହସୁଛନ୍ତି ମନଖୋଲା ହସ । ଫୁଙ୍ଗୁଳା ଦେହ, ପିନ୍ଧିଛନ୍ତି କେବଳ ଗୋଟିଏ ଗୋଟିଏ ଚିରାଫଟା ପ୍ୟାଣ୍ଟ୍ । ବୋଧହୁଏ ପାଖ ବସ୍ତିରେ ରୁହନ୍ତି । ପିଲାମାନଙ୍କର ଖେଳ କୌତୁକର ନିଆରା ମଜା କିଛି ଦୂରରେ ଠିଆ ହୋଇ ନିର୍ନିମେଷ ନୟନରେ ଦେଖୁଥାନ୍ତି ଜଣେ ଖୁବ୍ ବୟସ୍କ ବ୍ୟକ୍ତି । ବୋଧହୁଏ ମନେ ପକାଉଛନ୍ତି ନିଜର ଅତୀତର ସୁବର୍ଣ୍ଣ ପିଲାଦିନ ଅବା କିଛି ହଜିଲା ଅତୀତ । ପାଖ ପାନ ଦୋକାନରେ ଠିଆହୋଇ ମୁଁ ବି ଦେଖୁଥିଲି ପିଲା ଦୁଇଜଣଙ୍କର ଖେଳ ଓ ଲକ୍ଷ କରୁଥିଲି ମଉସାଙ୍କ ହାବଭାବକୁ ।କାହିଁକି କେଜାଣି ଇଛା ହେଲା ସେହି ମଉସାଙ୍କ ସହିତ କଥା ହେବା ପାଇଁ । ପାନ ଦୋକାନରୁ ବାହାରି ଆସି ଠିଆ ହେଲି ମଉସାଙ୍କ ପାଖରେ । କ'ଣ କଥା ହେବି ଭାବୁଛି , ମୋତେ ପାଖରେ ଦେଖି ହଠାତ୍ ମଉସାଙ୍କ ମୁହଁରୁ ଶୁଣିଲି,ଦେଖୁଛ ପୁଅ ପିଲାମାନେ କେତେ ଖୁସିରେ ଖେଳୁଛନ୍ତି । ଏମିତି ଖୁସି ଆଉଥରେ ଫେରି ଆସନ୍ତାନି ଜୀବନରେ । ଏ ପିଲା ଦୁଇଜଣଙ୍କର ଖେଳ ଦେଖି ମୋର ପିଲାଦିନର କଥା ଓ ନିଜର ନାତି ନାତୁଣୀଙ୍କ କଥା ମନେ ପଡିଗଲା । ସେଇଥିପାଇଁ ଟିକେ ଠିଆ ହେଇଥିଲି । ବୁଝିଲ ପୁଅ,ଆମ ପିଲାଦିନେ ଆମେ କେତେ ପ୍ରକାର ଖେଳ ଖେଳୁଥିଲୁ । ଆଜିକାଲିର ପିଲାଙ୍କ ପରି ଆମ ପିଲାଦିନ ନଥିଲା । ମୁକ୍ତ ବିହଙ୍ଗଟେ ପରି ଆମେ ଖୋଲା ଆକାଶରେ ଉଡି ବୁଲୁଥିଲୁ । କିନ୍ତୁ ଜୀବନର ଶେଷଭାଗରେ ଆଜି ଅନୁଭବ କରୁଛି ଆଜିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ପିଲାମାନେ କେମିତି ଶୈଶବରୁ ଶିକୁଳିରେ ବନ୍ଧା ହେଇ ଯାଉଛନ୍ତି ।ଅଢେଇରୁ ତିନି ବର୍ଷ ହେଇଗଲେ, ଯାଉଛନ୍ତି ବିଦ୍ୟାଳୟକୁ କାନ୍ଧରେ ବ୍ୟାଗ୍ ଧରି । ପୁରା ଶଗଡ଼ ଗୁଳାରେ ଚାଲୁଛି ଜୀବନ । ବହିରେ ଯାହା ଲେଖା ଯାଇଛି ସେତିକି । ଶୁଆଟିଏ ଭଳି ଘୋଷି ଦିଅ, ପରୀକ୍ଷାରେ ପୁରା ଶହେରୁ ଶହେ ନମ୍ବର ଆଣ । ପିଲାମାନେ କେତେ ଖୁସି ସେକଥା ଛାଡ଼, ବାପାମାଆ ପୁରା କୃତ୍ୟ କୃତ୍ୟ ଖୁସିରେ । ଆମ ଛୁଆ ଅତ୍ୟନ୍ତ ମେଧାବୀ । ପାଖ ଘର ପିଲାଟି ଯଦି କମ୍ ନମ୍ବର ରଖିଲା, ତାହେଲେ ଆରମ୍ଭ ହେଲା ତା ଉପରେ ମାନସିକ ଅତ୍ୟାଚାର । ପୁରୁଣା କାଳିଆ ଶାଶୁ ଟିକେ ଟିକେ କଥାରେ ବହୁକୁ ଖୁଣ୍ଟା ଦେଲା ଭଳି କଥା । ତୁ କ'ଣ ବୁଝି ପାରୁନୁ । ଆଜିକାଲି ଯୁଗ ଯାହା ହେଲାଣି, ପାଠ ନପଢିଲେ ମଣିଷ ହେବୁ କେମିତି । ଅମୁକ ବାବୁଙ୍କ ପୁଅ କେମିତି ପଢୁଛି । ସେ ତ ତୋରି ଭଳିଆ ପିଲା । ସେ ଶ୍ରେଣୀରେ ପ୍ରଥମ ହେଉଛି ଆଉ ତୁ ? ଏମିତି କେତେ କ'ଣ । କେହି ବୁଝୁ ନାହାଁନ୍ତି ପିଲାଟିର ମାନସିକ ଅବସ୍ଥା ଓ ସ୍ଥିତି ବିଷୟରେ ।ଅପରିପକ୍ୱ ସରଳ ବୟସରେ ଅସମ୍ଭବ ଅସହ୍ୟ ଚାପ ।ପାଠପଢା ପାଇଁ ବିଦ୍ୟାଳୟ ପରେ ଟିୟୁସନ୍ ପରେ ଟିୟୁସନ୍ । ପୁଣି ନାଚ, ଗୀତ,ବାଜା ଇତ୍ୟାଦିରେ ପାରଙ୍ଗମ ହେବା ପାଇଁ ଧାଁ ଧପଡ । କେମିତି ଶ୍ରେଣୀରେ ପ୍ରଥମ ହେବେ, ଅଧିକରୁ ଅଧିକ ନମ୍ବର ରଖିବେ, ସେଥିପାଇଁ ବାପାମାଆଙ୍କର କେତେ ଚିନ୍ତା । ଆଜିକାଲି ପିଲାଙ୍କ ଭାଗ୍ୟରେ ଶୈଶବକୁ ମନଭରି ଉପଭୋଗ କରିବାର ସୁଯୋଗ ନାହିଁ ।ବ୍ରଏଲର କୁକୁଡା ଭଳି ବଢୁଛନ୍ତି । ବାହାରକୁ ଧୋବ ଫରଫର କିନ୍ତୁ ଭିତରେ ଫମ୍ପା । ନୈତିକତା ଓ ମୂଲ୍ୟବୋଧର ଅଭାବ ।ପିଲାର ଇଛା ଅନିଚ୍ଛା ପ୍ରତି କାହାର ନିଘା ନାହିଁ । ଜେଜେବାପା ଜେଜେ ମାଆର ସ୍ନେହ ମମତା ଓ କାହାଣୀ ପେଡିରୁ ଅଧିକାଂଶ ପିଲା ବଂଚିତ । ବୁଢୀ ଅସୁରୁଣୀ ଗପ,ରାଜା ରାଣୀ କାହାଣୀ , ବଉଳା ଗାଈ ଓ ବାଘର କାହାଣୀ ଭିତରେ ଥିବା ନୈତିକତା ,ଦାନବୀର ରାଜା ହରିଶ୍ଚନ୍ଦ୍ର ଓ ନଳ ରାଜାଙ୍କ ଦାନ ଓ ବଦାନ୍ୟତା,ବୀର ଅର୍ଜୁନ, କର୍ଣ୍ଣଙ୍କ ପରି ଯୋଦ୍ଧାଙ୍କର ବୀରତ୍ୱର ଗାଥା ଶୁଣିବାର ସୌଭାଗ୍ୟ ନାହିଁ ଆଜିର ପିଲାଙ୍କ ପାଖରେ ।ନିଜର ପ୍ରଥା ପରମ୍ପରା ସଂସ୍କୃତି ପର୍ବ ପର୍ବାଣୀ ବିଷୟରେ ପିଲା କିଛି ଜାଣୁନି । ପାଲା, ଦାସକାଠିଆ,ଚଢେଇଆ ଚଢେଇଆଣି ନାଚ, କଣ୍ଢେଇ ନାଚ ପିଲା ପାଇଁ ସ୍ୱପ୍ନ । ନୈତିକତାର ଶିକ୍ଷା ନାହିଁ । ପିଲା ଭଲ ମଣିଷ ହେବ କେମିତି ?ସଜ ପିଜୁଳି, ଜାମୁକୋଳି, ବରକୋଳି, କାନକୋଳି,ତାଳସଜ ଇତ୍ୟାଦି ଆମ ପିଲାଦିନେ କେତେ ମଜାରେ ଆମେ ଖାଉଥିଲୁ କେତେ ସାଙ୍ଗ ମିଶି ନିଜ ବାଡିରୁ ତଥା ପଡିଶା ଘରର ବାଡିରୁ । ଏ ଖୁସି ଆଉ ନାହିଁ । ନଟୁ ଖେଳ,ବାଟି ଖେଳ,ଗଛ ବାଗୁଡି, କବାଡି,ଗୋଟି ଡାବୁଲ ଆହୁରି କେତେ କ'ଣ ଖେଳ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲୁ । କୁଆଡେ ଗଲା ସେ ଦିନ ସବୁ !!!

ଶୁଣୁଥିଲି ମଉସାଙ୍କ ହୃଦୟର କଥା ଓ ବୁଝୁଥିଲି ମନର କ୍ଷୋଭ । ସେ ଟିକେ ଅଟକିଲା ପରେ ପଚାରିଲି,ମଉସା ଆପଣ ଯେଉଁ ନାତି ନାତୁଣୀଙ୍କ କଥା ପ୍ରଥମେ କହୁଥିଲେ, ସେମାନ କ'ଣ ଏମିତି ସବୁ ପିଲାଙ୍କ ଭଳିଆ ବଢୁଛନ୍ତି ନା ଆମେ ଦେଖୁଥିବା ଓ ଶୈଶବକୁ ମନଭରି ଉପଭୋଗ କରୁଥିବା ଏହି ଛୋଟ ପିଲା ଦୁଇଟି ଭଳି ଖୁସିରେ ପାଠ ପଢିବା ସହିତ ଶୈଶବକୁ ଉପଭୋଗ କରୁଛନ୍ତି । ମୋ କଥାରେ ମଉସା ଜଣଙ୍କର ଆଖି ଓଦା ଓଦା ଦେଖାଗଲା । ଆଖିରୁ ମୋଟା ଚଷମା କାଢ଼ି ଲୁହ ପୋଛିଲେ । ଦୋଷୀ ଦୋଷୀ ଲାଗିଲା ମୋତେ କିନ୍ତୁ ମୁଁ ଜାଣି ପାରୁନଥିଲି କ'ଣ ଭୁଲ୍ କଲି । ହାତଯୋଡି କହିଲି, ମୋ ଅଜାଣତରେ ଯଦି ମୁଁ ଆପଣଙ୍କୁ ଦୁଃଖ ଦେଇଛି ମୋତେ କ୍ଷମା କରିବେ ମଉସା ।ପାକୁଆ ପାଟିରେ ସାମାନ୍ୟ ହସିଲେ ଓ ମୋ ମୁଣ୍ଡରେ ହାତ ରଖି ଆଶିର୍ବାଦ କରିବା ଭଙ୍ଗୀରେ କହିଲେ, ନାହିଁ ବାବା ତମେ କିଛି ଭୁଲ୍ କରିନ । ଜୀବନରେ ଭୁଲ୍ ମୁଁ କରିଛି ଅଧିକାଂଶ ଆଧୁନିକ ବାପାମାଆଙ୍କ ଭଳି । ଗୋଟିଏ ବୋଲି ପୁଅ ମୋର । ସରକାରୀ ଚାକିରୀ ଗୋଟେ କରିଥିଲି । ମୋ ପୁଅ କେମିତି ଭଲ ବିଦ୍ୟାଳୟରେ ପଢିବ ଓ ଆଗକୁ ଯିବ, ତା'ର ସମସ୍ତ ବ୍ୟବସ୍ଥା କରିଥିଲି । ପୁଅର ପାଠପଢ଼ା ପାଇଁ ବୁଢ଼ା ବୟସରେ ନିଜ ବାପାମାଆଙ୍କୁ ବି ଅବହେଳା କରିଛି । ବର୍ଷ ବର୍ଷ ଧରି ଗାଁ କୁ ଯାଇନି । ଯେଉଁ ପୁଅ ପାଇଁ ମୁଁ ସବୁକିଛି ଭୁଲି, ତାକୁ ମଣିଷ କଲି , ସେହି ପୁଅ ଏବେ ଆମେରିକାରେ । ନିଜ ଇଚ୍ଛାରେ ବାହା ହେଇଛି ଜଣେ ଆମେରିକୀୟ ଝିଅକୁ । ଏବେ ସେ ଦୁଇଟି ପିଲାର ବାପା । ସେ ଦେଶର ନାଗରିକତା ବି ପାଇ ସାରିଲାଣି । କେବେ କେମିତି ଭିଡିଓ କଲ୍ କରି ନାତି ନାତୁଣୀଙ୍କୁ ଦେଖାଏ । ଆଉ ଏଠାକୁ ଫେରିବାର ଆଶା ପ୍ରାୟ ନାହିଁ । ଜୀବନର ଅନ୍ତିମ ମୁହୂର୍ତ୍ତରେ ଆମେ ବୁଢ଼ା ବୁଢ଼ୀ ଦୁଇଜଣ । ସାହା ଭରଷା କେହି ନାହାଁନ୍ତି । କେବଳ ଈଶ୍ୱର ଭରଷା । ପୁଅ କହୁଛି ଭାରତ ଛାଡ଼ି ଆମେରିକା ଚାଲି ଯିବାକୁ । ଯେଉଁ ପୁଅକୁ ମଣିଷ କରିଥିଲି ଭାରତ ମାଆର ସେବା କରିବା ପାଇଁ,ସେ ମଣିଷ ହେବା ପରେ ଆମେରିକାର ସେବା କରୁଛି ଆଉ ମୋତେ କହୁଛି ମୋ ଦେଶ ଛାଡ଼ି ସେ ଦେଶକୁ ଚାଲିଯିବାକୁ । ଜନ୍ମ ନେଇଛି ଏ ପବିତ୍ର ଭାରତବର୍ଷରେ ,ମରିବି ବି ଏହି ପବିତ୍ର ମାଟିରେ । ମୁଁ କାହିଁକି ତା ପାଖକୁ ଯିବି ? ଯେତେଦିନ ଯାଏ ନିଜ କାମ ନିଜେ କରି ପାରୁଛୁ, ଠିକ୍ ଅଛି । ଯେବେ ଅନୁଭବ କରିବୁ,ଆଉ ନୁହଁ, ପୁଅ ପାଇଁ ତିଆରି କରିଥିବା କୋଠାଘରଟିକୁ ବିକ୍ରି କରିଦେଇ କେଉଁ ଗୋଟେ ଅନାଥାଶ୍ରମକୁ ଚାଲିଯିବୁ ଦୁଇଜଣ । ମଉସାଙ୍କ କଥା ଶୁଣି ହୃଦୟ ମୋର ଭାରି ଭାରି ଲାଗୁଥିଲା । ଭାବୁଥିଲି କେଉଁଠି ରହୁଛି ଭୁଲ୍ ଯେଉଁଥି ପାଇଁ ଉଭୟ ଶୈଶବ ଓ ବାର୍ଦ୍ଧକ୍ୟ ଏକ ପ୍ରକାର ଅସହାୟତାର ଶୀକାର ହେଉଛି ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ପଥଭ୍ରଷ୍ଟ ମାନବ ପାଇଁ ପଦେ



ଅନୀତା ପଟ୍ଟନାୟକ

କଥାରେ ଅଛି, ନ ସୁଖ ଲଭ୍ୟତେ ସୁଖମ । ଏହାର ଅର୍ଥ ପ୍ରକୃତ ସୁଖ ଭୌତିକ ସୁଖ ମାଧ୍ୟମରେ ମିଳେନାହିଁ । କର୍ତ୍ତବ୍ୟ ଜ୍ଞାନରେ କରାଯାଉଥିବା କର୍ମ / କର୍ତ୍ତବ୍ୟ ଓ ଉତ୍ସର୍ଗଭାବ ଦ୍ୱାରା ଆବର୍ଜନା, ଶଂସୟ ଓ ମୋହରୁ ମୁକ୍ତି ମିଳିବା ସମ୍ଭବପର ହୋଇଥାଏ । ଶୁଦ୍ଧ ବୁଦ୍ଧି ଓ ନିର୍ମଳତା ସାହାଯ୍ୟରେ ବିଶ୍ୱର ଏକତ୍ୱ ସମ୍ଭବପର ହୋଇଥାଏ । ସର୍ବଂ ବିଷ୍ଣୁମୟଂ ଜଗତଂ, ଇଶାବାସ୍ୟ ଇଦମ ସର୍ବଂ ଏହି ଉକ୍ତିକୁ ଉପଲବ୍ଧି କରିହୁଏ । ବର୍ତ୍ତମାନ ସମୟରେ ଦୂରଦର୍ଶନରେ ଅନେକଥର ରାମାୟଣ ପ୍ରସାରିତ କରାଗଲାଣି, ହେଲେ ରାମାୟଣରେ ଦର୍ଶାଯାଇଥିବା ମନ୍ଥରାର କ୍ରୋଧ, ସୂର୍ପଣଖାର କାମଜାବ, ଲକ୍ଷ୍ମଣଙ୍କର ତ୍ୟାଗଭାବ, ରାମଙ୍କର ବୈରାଗ୍ୟ ଭାବ, ସୀତାଙ୍କର ଏକ ପତ୍ନୀ ବ୍ରତ, ଏସବୁକୁ କେହି ଅନୁଧ୍ୟାନ କରୁନାହିଁ । ଦୁଷ୍ଟ ପ୍ରଭାବରୁ ମନକୁ କିପରି ନିୟନ୍ତ୍ରଣ କରାଯିବ ତାହା ରାମାୟଣରେ ସୂଚନା ଦିଆଯାଇଥିଲେ ମଧ୍ୟ ତାହାକୁ କେହି ଅନୁସରଣ କରନ୍ତି ନାହିଁ ।

ସେଥିପାଇଁ କିଛି କିଛି ପଇସା ସଞ୍ଚୟ କରି ମୋର ସ୍ୱାମୀ ଓ ମୁଁ, ମୋର ପୁଅଝିଅ ପୁରୀ ଅଭିମୁଖେ ବାହାରିଲୁ । ବସରେ ଯାଉଥିବା ସମୟରେ ଅନେକ ଯାତ୍ରୀଙ୍କ ସହ କଥୋପକଥନ ହେଲା ଆମ ପାଖରେ ବସିଥିବା ଜଣେ ଯାତ୍ରୀ ଆଉ ଜଣେ ଯାତ୍ରୀକୁ ବଡ଼ ପାଟିରେ କହୁଥାଏ ଏ ଲୋକ ଗୁଡ଼ିକ ପାଗଳ ହୋଇଗଲେଣି । ମନ୍ଦିର ବେଢ଼ା ପରିକ୍ରମା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି ତେଣୁ ସିଂହଦ୍ୱାର ଛଡ଼ା ଅନ୍ୟ ଦ୍ୱାରରେ ଯିବା ନିଷିଦ୍ଧ କରାଯାଇଛି । ଲୋକେ ବର୍ତ୍ତମାନ ଘଣ୍ଟା ଘଣ୍ଟା ଧରି କଷ୍ଟ କରି ଠିଆ ହେଉଛନ୍ତି । ମନଭରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି । ମୋର କଣ ନଥିଲା ? ଧନ ସଂପତ୍ତି, ପ୍ରତିପତ୍ତି, ସ୍ତ୍ରୀ ସବୁକିଛି ଜଗନ୍ନାଥ ଛଡ଼ାଇ ନେଇଥିବାରୁ ଓ ମତେ ଦାଣ୍ଡର ଭିକାରୀ କରି ଦେଇଥିବାରୁ ମୁଁ ଆଜିକାଲି ଆଉ ଜଗା ଦର୍ଶନ କରୁନାହିଁ । ଏକଥା ମୋ ପୁଅ ମନକୁ ବଡ଼ ପାଇଲା । କହିଲା ବାପା ଏତେ କଷ୍ଟ କରିବା କାହିଁକି ? ଅନ୍ୟତ୍ର କେଉଁଆଡ଼େ ବୁଲି ଯାଇଥିଲେ ଭଲ ହୋଇଥାନ୍ତା । ଏତେ କଷ୍ଟ କରିବା ଅପେକ୍ଷା ସବୁକିଛି ହରାଇବା ଅପେକ୍ଷା ସମୁଦ୍ର କୂଳ ବୁଲି ହୋଟେଲରେ ଖାଇ, କୋଣାର୍କ, ଚନ୍ଦ୍ରଭାଗା ବୁଲି ଆସିଲେ ଭଲ ଲାଗିବ । ଝିଅ ରୂପା ମନକୁ ମଧ୍ୟ ଭାଇର କଥା ଭଲ ପାଇଲା । ସେ କହିଲା ବାପା ! ସମୁଦ୍ରକୂଳ ବୁଲି ସିଧା ଭୁବନେଶ୍ୱରକୁ ଫେରି ନନ୍ଦନକାନନକୁ ଯିବା । ଆଜି ମୋର ଅନେକ ସାଙ୍ଗ ସେଠାରେ ବଣଭୋଜି କରୁଛନ୍ତି । କିନ୍ତୁ ତୁମର ଏହି ଆଧାତ୍ମିକ ପର୍ଯ୍ୟଟନ ମତେ ଭଲ ଲାଗୁନାହିଁ । ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ଭକ୍ତି ଓ ସମର୍ପଣ ଭାବକୁ ଛାଡ଼ି ଛୋଟ ପିଲା ତାର ଖେଳନା ଖେଳିବାକୁ ଭଲ ପାଆନ୍ତି । ଖେଳନା ଭାଙ୍ଗିଗଲେ ସେମାନେ କାନ୍ଦନ୍ତି । ସେହିପରି କ୍ଷମତା ସୌଭାଗ୍ୟ, ପରିବାର ରୂପକ ଖେଳନାକୁ ପାଇ ମନୁଷ୍ୟ ଭଗବାନଙ୍କୁ ଭୁଲିଯାଏ ଓ ଏଗୁଡ଼ିକ ଚାଲିଗଲେ ସେ ନିଜର କ୍ଷମତା, ସୌଭାଗ୍ୟ ଓ ପରିବାରକୁ ଫେରି ପାଇବା ପାଇଁ ସେ କ୍ରନ୍ଦନ କରେ ଓ ମୋ ପ୍ରଭୁ ଜଗନ୍ନାଥଙ୍କୁ ନିନ୍ଦା କରେ । ତେଣୁ ମୁଁ ଜଗା ଦର୍ଶନ ବିନା ଅନ୍ୟ କେଉଁଆଡ଼େ ଯିବିନାହିଁ । ମୋର ସ୍ୱାମୀ କହିଲେ, ମନୁଷ୍ୟ ନିକଟରେ ଭାଷା, ବିବେକ, ଭକ୍ତିର ଅବର୍ଣ୍ଣନୀୟ ସନ୍ତୋଷ ଅଛି, କିନ୍ତୁ ସେ ଜୀବନକୁ କିପରି ବ୍ୟବହାର କରୁଛି ତାହାକୁ ଅନୁଧ୍ୟାନ କରୁନାହିଁ । ଅଗ୍ନିରେ ଦହନଶକ୍ତି ଥାଏ । ଜଳରେ ଆର୍ଦ୍ର କରିବାର ଶକ୍ତି ଥାଏ, ତେଣୁ କଷ୍ଟ କରି ପ୍ରଭୁଙ୍କର ଦର୍ଶନ କରିବାର ଶକ୍ତି ମନୁଷ୍ୟକୁ ଦିଆଯାଇଛି । ଏହାକୁ ତୁମେ ପିଲାମାନେ ଭୁଲିଯିବା ଉଚିତ ନୁହେଁ । ସାପ କାମୁଡ଼ାରେ କଷ୍ଟ ପାଉଥିବା ଲୋକକୁ ଲଙ୍କା ଚୋବାଇବାକୁ ଦିଆଯାଏ କାରଣ ବିଷର ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଲଙ୍କାର ରାଗ ଲାଗେ ନାହିଁ । ସାଂସାରିକ ଇନ୍ଦ୍ରିୟ ବିଷ ଜୋର ଧରିଥିବା ପର୍ଯ୍ୟନ୍ତ ପୂଜା, ଜପ, ଧ୍ୟାନ ଶୁଷ୍କ ଲାଗେ ମଣିଷ ଖବରକାଗଜରେ ବାହାରିଥିବା ଗୁଜବ, ସହଯାତ୍ରୀଙ୍କର ଗୁଜବରେ ବିଶ୍ୱାସ କରେ । କିନ୍ତୁ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ଓ ବ୍ୟାସଦେବ ରଚନା କରିଥିବା କଥାକୁ ବିଶ୍ୱାସ କରିବାକୁ ନାରାଜ । ସମ୍ବାଦପତ୍ର ଇନ୍ଦ୍ରିୟ ମାନଙ୍କୁ ଖାଦ୍ୟ ଯୋଗାଇ ପାରୁଚି ଓ ଇନ୍ଦ୍ରିୟ ଭୋଗ, ବ୍ୟାକୁଳତାକୁ ତୁଷ୍ଟକରି ପାରୁଛି । କିନ୍ତୁ ଗୀତା ତ୍ୟାଗ ଓ ଶରଣାଗତି ଓ ଇନ୍ଦ୍ରିୟ ବାସନା ଉର୍ଦ୍ଧ୍ୱରେ ରହିବାକୁ ନିର୍ଦ୍ଦେଶ ଦେଉଥିବାରୁ ତାହା ଭଲ ଲାଗୁନାହିଁ । ଏହାକୁ ହିଁ ଅଜ୍ଞତା, ଦୁର୍ଭାଗ୍ୟଜନକ ଓ ପଥଭ୍ରଷ୍ଟ କୁହାଯାଏ । ରୂପା କହିଲା ମନ୍ଦିର ଭିତରେ ନଖାଇ ଏକ ବାତାନୁକୂଳ ହୋଟେଲରେ ଆମିଷ ଭୋଜନ କଲେ ଭଲ ହୋଇଥାନ୍ତା । ମୁଁ କହିଲି ରୋଗାକ୍ରାନ୍ତ ହୋଇଯିବା ପରେ ଆଉ ଦୁଃଖ କରି ଲାଭ କ'ଣ ? ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ପ୍ରଥମ ଭୁଲ ପଦକ୍ଷେପ ନେଲାବେଳେ ବରଂ ଦୁଃଖ କରିବା ଉଚିତ । ମିତାହାର ଓ ମାତ୍ରାହାର ଅଭ୍ୟାସ କରିପାରିଲେ ଜଣେ ଆଧାତ୍ମିକ ଜୀବନର ଭିତ୍ତି ସ୍ଥାପନା କରିପାରିବ । ମାଦକ ଦ୍ରବ୍ୟ ସେବନ କଲେ, ବେଗ, ଆବେଗ, ବୃତ୍ତି, ପ୍ରବୃତ୍ତି ମନୋଭାବ କଥାବାର୍ତ୍ତା, ଚାଲିଚଳନ ସବୁ ଅସଙ୍ଗତ ହୋଇପଡ଼େ । ମନୁଷ୍ୟ ପଶୁ ସ୍ତରକୁ ଖସିଯାଏ । ମାଂସହାର ଦ୍ୱାରା ପଶୁ ପ୍ରବୃତ୍ତି ଓ ପଶୁମାନଙ୍କର ରୋଗ ଦେଖାଯାଏ । ରାଜସିକ ସେବନ ଦ୍ୱାରା ମନ ଅବାଧ୍ୟ ହୁଏ । ତାମସିକ ଖାଦ୍ୟ ଯାହା ରୁଚିକର ସେଥିରେ ମନ ଆଉ ପୁର୍ନଗଠିତ ହୋଇପାରିନଥାଏ । ଆମର କି ଭାଗ୍ୟ ପୁରୀରେ ପହଞ୍ଚିବା କ୍ଷଣି ଶୁଣିଲୁ ଚାରି ଦ୍ୱାର ଖୋଲି ଦିଆଯାଇଛି । ସରକାର ଶାନ୍ତି ଶୃଙ୍ଖଳା ରକ୍ଷା କରାଇଥିବାରୁ ସୁନ୍ଦର ଜଗା ଦର୍ଶନ କରି, ଆନନ୍ଦ ବଜାରରେ ପେଟ ଭରି ଖାଇ ଜଗାର ଗୁଣକୁ ଗାନ କରି କରି ଘରକୁ ଫେରିଲୁ । କି ବିସ୍ମୟକର ଦେବତା ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,*
*ସିଡିଏ, କଟକ,*
*ମୋ: ୯୬୯୨୯୮୦୦୨୬*

# ଓଡିଆ ସାହିତ୍ୟର ମହାନାୟକ - ମନୋଜ ଦାସ



ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା ।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇ□ର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଆବ□ମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ.ନଂ.-୯୯୩୭୬୯୧୪୭୫*




# ଧାନ ଫସଲର କୀଟ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର - * ଚକଡା କୀଟ



ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ, ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ। ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ। ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ। ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ। ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ। ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ। ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ। କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ। ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାଟିଲ ୫୦ ପ୍ରତିଶତ ଗୁଣ୍ଡ ଲିଟରେ ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

**ଦୀପାୟନ ପାଢ଼ୀ**

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ। ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ। ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା। ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ। ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ। ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି। ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଛେଦ୍ୟ ଅଙ୍ଗ। ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ। ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହୋଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି। କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ। ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ। ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି। ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି। ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ। ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି। କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି। କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି। ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ। ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ। ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ। ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି। ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ। ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି। ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ। ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି। ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ। ଏହା ସବୁ ପ୍ରକାର ଫସଲରେ ଦେଖାଯାଏ। ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ। ଏହାର ମୁଣ୍ଡଟି ଚାରି ଦିଗକୁ ଘୁରିପାରେ। ଏହାର ମାଇ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ। ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି। ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ।

**ରେଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି। ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ। ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ। ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ। ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଇ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି। ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର। ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ। ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି। ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ। ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ। ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ। ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ। ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ। ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ। ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ। ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ବସୁଧା ଟାଙ୍କିକୁ ଉଠୁନି ବୋରିଂ ପାଣି, କଂକ୍ରିଟ୍ ରାସ୍ତାରେ ବୋହି ଯାଉଛି ପାନୀୟ ଜଳ !



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ଓଭରହେଡ୍ ପାଣି ଟାଙ୍କିକୁ ଉଠୁନି ବୋରିଂ ପାଣି । କଂକ୍ରିଟ୍ ରାସ୍ତାରେ ବୋହି ଯାଉଛି ପାନୀୟ ଜଳ । ସ୍ଥାନୀୟ ଅଞ୍ଚଳବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ନିମ୍ନମାନର ନିର୍ମାଣ କାମ ପାଇଁ ଏହି ଓଭରହେଡ୍ ପାଣିଟାଙ୍କି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ବିଭାଗ ପକ୍ଷରୁ ଟାଙ୍କିକୁ ପାଣି ଛଡ଼ା ଯାଉନଥିବା ଜଣାପଡ଼ିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଜାରକା ଶାନ୍ତିବଜାର ନିକଟରେ ବସୁଧା ଯୋଜନାରେ ୧ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ୨ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହୋଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ୨୦୧୮ ଜୁଲାଇ ୫ ତାରିଖରେ ଏହି ଜାରକା-ଚହଟା ଜଳ ଯୋଗାଣ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୁଇ ବିଭାଗର କନିଷ୍ଠ ଯନ୍ତ୍ରୀ ଆର୍‌ଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟ ପରିସରରେ ହେଉଥିବା ଏହି ବହୁମୂଲ୍ୟ ପ୍ରକଳ୍ପ ନିର୍ମାଣର ତଦାରଖ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ଫେବ୍ରୁଆରୀ ୧୯ତାରିଖରେ ଏହାକୁ ଉଦ୍‌ଘାଟନ କରିଥିଲେ । ହେଲେ କାର୍ଯ୍ୟକ୍ଷମ ହେବା ଦିନଠାରୁ ଏହି ଟାଙ୍କିରୁ ପାଣି ଝରିଥିଲା । ଏହା ଜଣାପଡ଼ିବା ପରେ ଦୋଷ ଢାଙ୍କିବାକୁ ଠିକାଦାର ଏଥିରେ ଅଠାରଙ୍ଗ ମାରି ପାଣିଝର ବନ୍ଦ କରାଇ ଦେଇଥିଲେ । ଏହାର କିଛିଦିନ ପରେ ଟାଙ୍କିରୁ ପୁଣି ପାଣି ବୋହିଥିଲା । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ଭିତିରି ବୁଝାମଣା ପଦାରେ ପଡ଼ି ଯାଇଥିଲା । ପ୍ରାୟ ୨ବର୍ଷ ହେଲା ଏହାର ଭଲବ୍ ଖରାପ ହୋଇଯାଇଛି ବୋଲି କୁହାଯାଇ ଓଭରହେଡ୍ ଟାଙ୍କିକୁ ପାଣି ଉଠାଇବା ବନ୍ଦ କରିଦିଆଯାଇଛି । ଫଳରେ ବୋରିଂ ପାଣି ଟାଙ୍କିକୁ ନଯାଇ ନିକଟସ୍ଥ କଂକ୍ରିଟ୍ ରାସ୍ତାରେ ବୋହିଯାଉଛି । ସବୁବେଳେ ପାଣିପାଇ ଅଧା କଂକ୍ରିଟ୍ ରାସ୍ତାରେ ଘାସ ଓ ଦଳ ମାଡ଼ିଗଲାଣି । ଦୁର୍ନୀତିକୁ ଘୁଞ୍ଚ ଘୋଡ଼ାଇବାକୁ ଏବେ ଉକ୍ତ ପାଣିଟାଙ୍କିରେ ସବୁଜ ରଙ୍ଗ ବୋଳି ଦିଆଯାଇଛି । ଅବ୍ୟବହୃତ ଅବସ୍ଥାରେ ରହିଥିବାରୁ ଏହାର ଚାରିପଟେ ଗଛଲତା ମାଡ଼ିଗଲାଣି । ନିମ୍ନମାନର ନିର୍ମାଣ କାମ ପାଇଁ ଉକ୍ତ ଓଭରହେଡ୍ ପାଣିଟାଙ୍କି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଉଦାସୀନତା ପାଇଁ ଏହା ଏବେ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ମଧୁ ବାବୁଙ୍କୁ ଯଥୋଚିତ୍ତ ସମ୍ମାନ ପର୍ଯ୍ୟନ୍ତ ଆଇନଜୀବୀଙ୍କ ସଂଗ୍ରାମ ଜାରି ରହିବ

ଭୁବନେଶ୍ୱର,(ପି.ଏନ): ଭାରତ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନରୁ ବହୁ ଉର୍ଦ୍ଧରେ । ତେବେ ତାଙ୍କୁ ମରଣୋତରରେ ଭାରତରତ୍ନ, ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନା, ଉତ୍କଳ ଗୌରବ ମଧୁସୂଦନଙ୍କ ନାମରେ ରେଳ ଗାଡି ଚଳାଇବା, ମଧୁ ବାବୁଙ୍କ ଜୟନ୍ତୀ ଦିନ ସରକାରୀ ଛୁଟି ଘୋଷଣା ଓ କୋର୍ଟ ନିକଟ ରାସ୍ତାକୁ ମଧୁ ବାବୁଙ୍କ ନାମରେ ନାମକରଣ କରିବା ପାଇଁ ଆଜି ପୁଣି ଦାବି କରିଛନ୍ତି ଆଇନଜୀବୀମାନେ । ଭାରତର ପ୍ରଥମ ଭାଷାଭିତିକ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ଗୌରବାନୀତ କରିଥିଲେ ଭାରତ ଗୌରବ ମଧୁସୂଦନ ଦାସ । ସେଥିପାଇଁ ତାଙ୍କୁ ନୂତନ ଓଡିଶାର ନିର୍ମାତା ଓ ଜନକ କୁହାଯାଏ । ମଧୁବାବୁଙ୍କୁ ଯଥୋଚିତ ସମ୍ମାନ ମିଳିନଥିବାରୁ ଅଲ ଓଡିଶା ଲୟର୍ସ ଫୋରମ୍ ପକ୍ଷରୁ ବିଭିନ୍ନ ଜିଲ୍ଲାର ମୁରବୀ ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହଯୋଗରେ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲୁ ରହିଛି । ନିକଟରେ ହାଇକୋର୍ଟ ଓ ସୁପ୍ରୀମକୋର୍ଟ ପରିସରରେ ଏହି ଅଭିଯାନ ହୋଇଥିବା ସହ ୨୧ଟି ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯାଇଛି । କୋଲକାତାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, ଝାଡଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜୁରାଟ, ଚେନ୍ନାଇ, ଗୋଆ, ଆନ୍ଧ୍ରପ୍ରଦେଶର ତିରୂପତି, ଆଣ୍ଡାମାନ, ବେଙ୍ଗାଲୁରୁ, ପଞ୍ଜାବ, ଉତରାଖଣ୍ଡ, ତ୍ରିପୁରା, ଗୋଆ, ଆସାମ, ମିଜୋରାମ, ସିକିମ ଓ ନୂଆଦିଲ୍ଲୀ ଆଦି ସ୍ଥାନରେ ବାସ କରୁଥିବା ମଧୁପ୍ରେମୀଙ୍କ ସ୍ୱାକ୍ଷର ସଂଗ୍ରହ କରାଯାଇଛି । ଏଥି ସହ ବିଭିନ୍ନ ଜିଲ୍ଲାରେ ମଧ ସ୍ୱାକ୍ଷର ସଂଗ୍ରହ ଚାଲୁ ରହିଛି । ଏହି ଅଭିଯାନ ଚଳାଇଥିବାରୁ ଫୋରମର ଆବାହକ ଆଇନୀଜୀବୀ ଲିଙ୍ଗରାଜ ସାହୁଙ୍କୁ ଆଜି ଭୁବନେଶ୍ୱର ବାର ଠାରେ ସମ୍ବର୍ଦ୍ଧନା କରାଯାଇଛି । ଭୁବନେଶ୍ୱର ଓକିଲ ସଙ୍ଘର ପୂର୍ବତନ ସମ୍ପାଦକ ଦୀପକ ଦାଶଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନାରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଚଳିତ ବର୍ଷର ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ପୂର୍ବତନ ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ନିହାର ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତଥିଲେ । ଫୋରମ ତରଫରୁ କୁହାଯାଇଛି ଯେ ତାଙ୍କୁ ମରଣୋତ୍ତରରେ ଯେତେ ସମ୍ମାନ ଦେଲେ ମଧ କମ୍ ହେବ । ତେବେ ମଧୁ ବାବୁଙ୍କୁ ଯଥୋଚିତ୍ତ ସମ୍ମାନ ପର୍ଯ୍ୟନ୍ତ ଆଇନଜୀବୀଙ୍କ ସଂଗ୍ରାମ ଜାରି ରହିବ ବୋଲି ଆଇନଜୀବୀମାନେ କହିଛନ୍ତି ।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?



ଭୁବନେଶ୍ୱର (ପିଏନ୍): ଗତ ୭ ଏପ୍ରିଲ ୨୦୨୧ ଠାରୁ ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଉର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍‌ସିର ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଉର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।

# ଭାରତ ଯୋଡ ଯାତ୍ରା ପାଇଁ କଂଗ୍ରେସର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଶାନ୍ତିବଜାର ସମ୍ରାଟ ମଣ୍ଡପରେ ଭାରତ ଯୋଡ ଯାତ୍ରା ପାଇଁ ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ଏଆଇସିସିର ପୂର୍ବତନ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ଧର୍ମଶାଳା ବ୍ଲକ ସଭାପତି କିଶାନ ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର, ବରୀ ନିର୍ବାଚନ ମଣ୍ଡଳୀ ନେତା ଉମେଶ ଜେନା, କୋରେଇର ପ୍ରମୋଦ ପରିଡ଼ା, ଯାଜପୁରର ସନ୍ତୋଷ ନନ୍ଦ, ବିଂଝାରପୁରର କନକଲତା ମଲିକ, ବଡ଼ଚଣାର ଅଜୟ ସାମଲ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରନ କର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଜିଲ୍ଲା ଓବିସି ସେଲ୍ ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଯୋଗଦେଇ ଭାରତ ଯୋଡ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଏଆଇସିସିର ପୂର୍ବତନ ସଭାପତି ରାହୁଲ ଗାନ୍ଧିଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ ଚାଲିଥିବା ଭାରତ ଯୋଡ ପଦଯାତ୍ରା ପିସିସି ନେତୃତ୍ୱରେ ଆସନ୍ତା ୪ ତାରିଖରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଛତିଆରେ ପ୍ରବେଶ କରିବ । ଏହାକୁ ଜିଲ୍ଲାସ୍ତରୀୟ ନେତୃମଣ୍ଡଳୀ ସ୍ୱାଗତ କରିବା ସହିତ ପଦଯାତ୍ରାରେ ସାମିଲ ହେବେ । ଆସନ୍ତା ୫ ତାରିଖରେ ଏହି ପଦଯାତ୍ରା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପହଞ୍ଚି ରାତ୍ରୀଯାପନ କରିବ । ୬ ତାରିଖରେ କୋରେଇ ନିର୍ବାଚନମଣ୍ଡଳୀ ଦେଇ ଏହି ପଦଯାତ୍ରା ଭଦ୍ରକ ଅଭିମୁଖେ ବାହାରିଯିବ । ଏଥିରେ ଅଧିକ ସଂଖ୍ୟକ ଯୁବକ, ଛାତ୍ର ଓ ମହିଳା ଯୋଗଦେବାକୁ ଦଳୀୟ କର୍ମକର୍ତା ଆହ୍ୱାନ ଦେଇଥିଲେ । ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ନକୁଳ ଜେନା, ନରୋତମ ନାୟକ, କାର୍ତିକ ସାହୁ, ଦେବାଶିଷ ପରିଡା, ବିପ୍ର ତ୍ରିପାଠୀ, ଉଗ୍ରସେନ ମହାନ୍ତି, ଶରତ ତରାଇ ଓ ୱାସିମ ଆଲମ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୭ଟି ନିର୍ବାଚନ ମଣ୍ଡଳୀର ଶତାଧିକ ଦଳୀୟ ନେତା ଓ ଛାମୁଆ କର୍ମୀ ଯୋଗ ଦେଇଥିଲେ ।

## ନାବାଳିକାକୁ ଅସଦାଚରଣ ଓ ଭିଡିଓ ଭାଇରାଲ ଅଭିଯୋଗରେ ୩ ନାବାଳକ କୋର୍ଟ ଚାଲାଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ମର୍ଜିତାପୁର ପଂଚାୟତ ଅଂଚଳର ଜଣେ ସପ୍ତମ ଶ୍ରେଣୀର ଛାତ୍ରୀକୁ ଅସଦାଚରଣ କରିବା ସହିତ ସେହି ମୁହୁର୍ତର ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୁଲିସ ୩ଜଣ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ମୁତାବକ ମର୍ଜିତାପୁର ପଂଚାୟତ ଅଂଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀକୁ ସେହି ଅଂଚଳର ୩ଜଣ ନାବାଳକ ଏକୁଟିଆ ପାଇ ତା' ସହିତ ଅସଦାଚରଣ କରିବା ସହିତ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ । ପରବର୍ତୀ ସମୟରେ ଛାତ୍ରୀର ପରିବାରକୁ ଉକ୍ତ ଭିଡିଓ ପଠାଇ ୨୦ ହଜାର ଟଙ୍କା ଦାବି କରିଥିଲେ । ଟଙ୍କା ନଦେଲେ ଏହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ । ତେବେ ଦୁର୍ବୃତଙ୍କ କଥାରେ ପରିବାର ଲୋକ ରାଜି ନହେବାରୁ ସେମାନେ ଛାତ୍ରୀର ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ । ଏନେଇ ଛାତ୍ରୀର ବାପା ଜେନାପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୯୮/୨୨ରେ ଏକ କେଶ ରୁଜୁ କରି ତଦନ୍ତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୩ ନାବାଳକଙ୍କୁ ଗିରଫ କରିଥିଲା । ସେମାନଙ୍କ ଡାକ୍ତରି ମାଇନା କରାଯାଇ ସେମାନଙ୍କୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଥିବା ଜଣାପଡିଛି ।

## ଧର୍ମଶାଳା ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଧର୍ମଶାଳା (ପିଏନ୍): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧାମନଗର ଗସ୍ତ ସମୟରେ ଧର୍ମଶାଳା ବିଜେପି ପକ୍ଷରୁ ଜାରକାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜେପିନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ୧୬ନଂ ଜାତୀୟ ରାଜପଥର ଜାରକା ସିନେମାହଲ ନିକଟରେ ମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାପତି ବିଭୁତି ଭୂଷଣ ଜେନା, ମଣ୍ଡଳ ସଭପତି ପ୍ରସନ୍ନ ମାହୁନ୍ତ, କୃଷକ ମୋର୍ଚ୍ଚା ସଭାପତି ବନମାଳି ରାଉତ, ମଣ୍ଡଳ ସଭାପତି କୁଳମଣି ମଲିକ, ଚୋରମୁହାଁ ସରପଂଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମିର୍ଜାପୁର ସରପଂଚ ପ୍ରଶାନ୍ତ ଦାସ, ଆରତ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ ।

# କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

### ଶିକ୍ଷାବିତ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ "ବରୀ ଗୌରବ ସମ୍ମାନ" ପ୍ରଦାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା-ଯାଜପୁର ପ୍ରତଭା ପୂଜା ସଂସଦ ପକ୍ଷରୁ ଓଡିଶା ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଦେବୀଙ୍କ ପୀଠରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୁବାସ ଚନ୍ଦ୍ର ମଜୁମଦାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଉଦଘାଟକ ଭ ।ବେ ଯୋଗଦେଇ ଅଦ୍ୱୈତ ସାର ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ନିଷ୍ଠାପର ସମାଜସେବୀ ଓ ଜଣେ ଉତ୍ସର୍ଗୀକୃତ ମଣିଷ ଭାବରେ ସମାଜର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ଜଣେ ବିରଳ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ତୁଳସୀ ମହିଳା କଲେଜ ଅଧକ୍ଷ ପ୍ରଫେସର ଅଜୟ ସାମଲ ଓ ସମ୍ମାନୀତ ଅତିଥି ଭାବେ ଇନ୍ଦୁପୁର ସରପ□ ପ୍ରଦୀପ୍ତ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଳିକ, ଗମ୍ଭୁ ସରପ□ ଜଗଦିଶ ଜେନା, ଶିକ୍ଷାବୀତ ନୀଳମାଧବ ପତି, ଶିକ୍ଷାବୀତ ହେମନ୍ତ ମହାପାତ୍ର, ସଚିଦାନନ୍ଦ ମହାପାତ୍ର, ପର୍ଶୁରାମ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ନାୟକ, ପରିବେଶବିତ କାଶିନାଥ ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରୀ ଜେନାଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ, ସମାଜ ସଂସ୍କାରକ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ ସଂସଦ ପକ୍ଷରୁ ଅତଥିମାନେ ମାନପତ୍ର, ପୁଷ୍ପମାଲ୍ୟ, ପଗଡି ଓ ଉ□ରୀୟ ପ୍ରଦାନ ପୂର୍ବକ "ବରୀ ଗୌରବ ସମ୍ମାନ"ରେ ସମ୍ମାନୀତ କରିଥିଲେ। ଏଥିସହିତ ବାରୁଣି ତୀର୍ଥ ଉନ୍ନୟନ କମିଟି ପକ୍ଷରୁ ମଧ ପ୍ରତିଷ୍ଠାତା ଅଧକ୍ଷ ପ୍ରକାଶ କୁମାର ଜେନା ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କୁ "ବାରୁଣି ତୀର୍ଥ ସେବା ସମ୍ମାନ" ପ୍ରଦାନ କରିଥିଲେ। ଶିକ୍ଷାବିତ ପ୍ରଣବ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ମୂରଲୀଧର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ଦେବେନ୍ଦ୍ର କୁମାର ରାଉତ, ପ୍ରକାଶ ଜେନା, ଜ୍ଞାନେନ୍ଦ୍ର ବାରିକ, ରାମନାରାୟଣ ସିଂହ, ଚନ୍ଦନ ସାହୁ, ବିଜୟ କେତନ ଜେନା, ଗୌରାଙ୍ଗ ଚରଣ ସାହୁ, ବିଜୟ କୁମାର ସାହାଣୀ, ବେଣୁଧର ନାୟକ, ପୂର୍ବତନ ସରପ□ ବିଜନ ମଲିକ, ପୂର୍ବତନ ଧୂମାତ ସରପ□ ନରହରି ପାଣି, ଚିରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଶତାଧିକ ଶୁଭ ଚିନ୍ତକ ମା' ଚଣ୍ଡୀଦେବୀଙ୍କ ନିକଟରେ ସମୂହ ଦୀପଦାନ କରିବା ପରେ ମା' ବାସୁଳାଇ ସଂକୀ□ନ ଦଳ ମା'ଙ୍କ ପୀଠରେ କୀ□ନ କରିଥିଲେ।

# ଅବସରପ୍ରାପ୍ତ କେନ୍ଦ୍ର କର୍ମଚାରୀ ସଂଘ ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ



କେନ୍ଦୁଝର (ପିଏନ୍): ସ୍ୱାଧିନତାର ୭୫ ବର୍ଷ ପାଳନ ଅବସରରେ ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ସ୍ୱଚ୍ଛଭାରତ ଅଭିଯାନକୁ ଅଧିକ ଫଳପ୍ରସୂ କରିବା ପାଇଁ କେନ୍ଦ୍ର ସରକାରଙ୍କ ନେସନ ଓ ପେନସନଭୋଗୀ କଲ୍ୟାଣ ବିଭାଗର ନିବେଦନକ୍ରମେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର କର୍ମଚାରୀ ସଂଘ, କେନ୍ଦୁଝର ଶାଖା ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ସଂଘର ସଭାପତି ଶଙ୍କର୍ଷଣ ମହାପାତ୍ର,ସମ୍ପାଦକ କୀ□ିଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସଂଘର ବରିଷ୍ଠ ସଦସ୍ୟ ଦୂର୍ଯ୍ୟୋଧନ ସାହୁ,ଶରତ ଚନ୍ଦ୍ର ପାତ୍ର,କ୍ଷେତ୍ରବାସୀ ନାୟକ,ଭଗବାନ ନାୟକ,ନବକିଶୋର ସିଂ,ଭଗବାନ ସାହୁ,ସରୋଜ କୁମାର ନାୟକ,ରାଜକିଶୋର ରାଉତ,ଖଗେଶ୍ୱର ମହାନ୍ତ,କୃପାସିନ୍ଧୁ ଗିରି,ବିଦ୍ୟାଧର ରଣା,ପ୍ରଭାକର ନାୟକ,ଅଶୋକ ଦାସ ପ୍ରମୁଖ ବିଦ୍ୟାଳୟ ପରିସରକୁ ସଫାସୁତୁରା କରିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁନା ଚନ୍ଦ୍ର ଜେନା ଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ ତିଳୋ□ମା ସାହୁ,ଶିକ୍ଷକ ବିଜୟ କୁମାର ମିଶ୍ର,ଉମାଶଙ୍କର ମିଶ୍ର,ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ,ରଶ୍ମିତା ରାଣୀ ମଲ୍ଲିକ,ସ୍ୱର୍ଣ୍ଣଲତା ନାୟକ ସହଯୋଗ କରିଥିଲେ। ଏଥିପୂର୍ବରୁ ଗତ ୧୨ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପାଞ୍ଚ ଗୋଟି ପର୍ଯ୍ୟାୟରେ ଅବସରପ୍ରାପ୍ତ କେନ୍ଦ୍ର କର୍ମଚାରୀ ସଂଘ ପକ୍ଷରୁ ଇତିମଧରେ ଓମ୍ ବିହାର ଶିବ ମନ୍ଦିର ପରିସର,କାଶିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବଡଡେରା ସରକାରୀ ପ୍ରାଥମିକ ବିଦ୍ୟାଳୟ,ବଡଡେରା ଶିଶୁ ପାର୍କ,କାଶିପୁର ଲକ୍ଷ୍ମୀମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇ ସଫେଇ କରାଯାଇ ଅଳିଆ ଆବର୍ଜନା ମୁକ୍ତ କରାଯାଇଥିଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG, U.K.G,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘ ପକ୍ଷରୁ କାଶ୍ମୀରରେ ମୃତ ପର୍ଯ୍ୟଟକଙ୍କ ବିୟୋଗରେ ଶୋକସଭା



କେନ୍ଦ୍ରାପଡ଼ା,(ପି.ଏନ): କାଶ୍ମୀରର ପହଲଗାଁଓ ପର୍ଯ୍ୟଟନ ସ୍ଥଳରେ ଜେହାଦୀମାନେ ଯେପରି ହିନ୍ଦୁ ପର୍ଯ୍ୟଟକମାନଙ୍କୁ ବାଛି ବାଛି ନୃଶଂସ ଭାବେ ହତ୍ୟା କଲେ ତାହାକୁ କେନ୍ଦ୍ରାପଡା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘ ଦୃଢ ନିନ୍ଦା କରିଛି । ଗୁରୁବାର ସନ୍ଧ୍ୟାରେ ମହାସଙ୍ଘର ସଭାପତି ଶରତ କୁମାର ବେହୁରାଙ୍କ ଆହ୍ୱାନରେ ମହାସଙ୍ଘର କାର୍ଯ୍ୟାଳୟରେଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଦେଶପାଇଁ ଜେହାଦୀମାନଙ୍କ ଏପରି ବର୍ବରକାଣ୍ଡ ଏକ କଠୋର ଆହ୍ୱାନ ବୋଲି ଦର୍ଶାଇ ସମସ୍ତ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଗୁଡିକ ନିଜକୁ କେବଳ ମହାନ ଭାରତବର୍ଷର ସନ୍ତାନ ବୋଲି ମନେକରି ଜେହାଦୀ ନିପାତ ପାଇଁ ଦେଶବାସୀ ସମ୍ପୂର୍ଣ୍ଣ ଏକଜୁଟ ହେବାକୁ ଶୋକସଭାରେ ମତବ୍ୟକ୍ତ କରାଯାଇଥିଲା । ଏହି ଦୁଃଖଦ ଘଟଣାରେ ନିହତମାନଙ୍କ ଅମରଆତ୍ମାର ସଦଗତି କାମନା ପୂର୍ବକ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ପଢିଆରୀ, ସଂଯୋଜକ ଚନ୍ଦନ କୁମାର ପରିଡା, ଉପଦେଷ୍ଟା ଗଙ୍ଗାଧର ପରିଡା, ଭାଗିରଥି ଜେନା, ତରୁଣ ପ୍ରଧାନ, ଡ. ଚୈତନ୍ୟ ଚରଣ ପରିଡା, ଅମରବର ବିଶ୍ୱାଳ, ଗୋଲଖ ପରିଡା, ଉମାକାନ୍ତ ବଳ, ସୁମନ୍ତ ରାଉତ, ସଂଗ୍ରାମ ଜେନା, ଅକ୍ଷୟ କୁମାର ମେକାପ, ଶାନ୍ତିସ୍ୱରୂପ ଭୂୟାଁ, ଚି□ରଞ୍ଜନ ବଳ ପ୍ରମୁଖ ସାମିଲ ଥିଲେ ।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର



ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

# କିଟ୍‌ରେ ଫେସନ୍ ଶୋ' କୀର୍ତ୍ତି କଳ୍ପନା ଅନୁଷ୍ଠିତ



ଭୁବନେଶ୍ୱର(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟର ଫେସନ୍ ଟେକ୍ନୋଲୋଜି ସ୍କୁଲ୍ ପକ୍ଷରୁ ଫେସନ୍ ଶୋ' କୀର୍ତ୍ତି କଳ୍ପନାର ୧୩ତମ ସଂସ୍କରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଫେସନ୍ ଶୋ'କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳ ସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍, ଫିଲ୍ମ ଆଣ୍ଡ ମିଡ଼ିଆ ଷ୍ଟଡ଼ିଜ୍ ସ୍କୁଲ୍ ଏବଂ ମାସ୍ କମ୍ୟୁନିକେଶନ ସ୍କୁଲ୍‌ର ମହାନିର୍ଦ୍ଦେଶକ ହିମାଂଶୁ ଖଟୁଆ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଫେସନ୍ ଟେକ୍ନୋଲୋଜିରେ ୨୦୨୫ ବର୍ଷର ପାସ୍‌ଆଉଟ୍ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସାମନ୍ତ କହିଥିଲେ, ଭାରତ ସମେତ ସମଗ୍ର ବିଶ୍ୱରେ କିଟ୍‌ର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କର ବିଭିନ୍ନ କ୍ଷେତ୍ରରେ ଗ୍ରହଣୀୟତା ମଧ୍ୟ ରହିଆସିଛି । କିଟ୍ ଫେସନ୍ ଟେକ୍ନୋଲୋଜିର ପାସ୍‌ଆଉଟ୍ ଛାତ୍ରଛାତ୍ରୀମାନେ ଫେସନ୍ ଏବଂ ଟେକ୍ସଟାଇଲ୍ ଟେକ୍ନୋଲୋଜି ଏବଂ ଡ଼ିଜାଇନ୍ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ଓ ସର୍ଜନାଶୀଳତାର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ତେବେ ଜୀବନରେ ଯେଉଁଠି ଥାଅ,ଯେତେ ଉପରକୁ ଉଠ ସବୁବେଳେ ଜଣେ ଭଲ ମଣିଷ ହେବାକୁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଫେସନ୍ ଶୋ'ରେ ୨୦୨୫ ପାସ୍‌ଆଉଟ୍ ବ୍ୟାଚର ଛାତ୍ରଛାତ୍ରୀମାନେ ସେମାନଙ୍କ ପରିକଳ୍ପନା ଓ ସର୍ଜନାର ପରିପ୍ରକାଶ କରିଥିଲେ । ବିଭିନ୍ନ ପାରମ୍ପାରିକ ଓ ଆଧୁନିକ ଫେସନ୍‌କୁ ନେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଡ଼ିଜାଇନର ପୋଷାକରେ ମଡ଼େଲମାନଙ୍କୁ ଦେଖିବାକୁ ମିଳିଥିଲା । ଏଥିରେ ବିଭିନ୍ନ ପରମ୍ପରା,କଳାର ଝଳକ ରହିଥିଲା । ଏହି ଅବସରରେ ଫେସନ୍ ଟେକ୍ନୋଲୋଜି ସ୍କୁଲ୍ ପକ୍ଷରୁ ଫେସନ୍ ଡ଼ିଜାଇନ୍ ଉପରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଓ ଧାରବାହିକ ତାରକା ସୂର୍ଯ୍ୟମୟୀ ମହାପାତ୍ର, ଲିକୁନ୍ ଚୌଧୁରୀ, ଦୀପନ୍ୱିତ୍ ଦାସମହାପାତ୍ର ଏବଂ ଦେବସ୍ମିତା ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍‌ର ଉପନିର୍ଦ୍ଦେଶିକା ଜିପ୍‌ସିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲର ଡ଼ିନ୍ ପ୍ରଫେସର ବାଉରି ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ରାଜ୍ୟ ସ୍ତରୀୟ ଟି -ଟ୍ୱେଣ୍ଟି କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଂଟ

କୋଣାର୍କ ,( ପି, ଏ,ନ): କୋଣାର୍କ ସ୍ପ ?ର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ କୋଣାର୍କ କପ ଟି ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଂଟର ଚ଼ତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ଼ରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ କୁ ୧୪ ରନରେ ହରାଇ ରାଉରକେଲା ର ରାଉରକେଲା ସ୍ପ ?ର୍ଟ୍ସ ଏକାଡେମୀ ସେମିଫାଇନାଲ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ରାଉରକେଲା ସ୍ପ ?ର୍ଟ୍ସ ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ୬୧ ବଲ ରେ ୫୫ ରନ ସଂଗ୍ରହ କରିଥିଲେ । ରାଉରକେଲା ସ୍ପ ?ର୍ଟ୍ସ ଏକାଡେମୀ ପକ୍ଷରୁ ଆୟୁଷ ପାଣିଗ୍ରାହୀ, ଉମେଶ ଯାଦବ ଓ ସାହିଲ ପ୍ରସାଦ ଉଭୟ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ । ଜବାବରେ ୨୦ ଓଭର ରେ ୯ ୱିକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଉଜ୍ୱଳ ସିଂ ସର୍ବାଧିକ ୨୭ ରନ ଦେଇ ୪ ଉଇକେଟ ଅକ୍ତିଆର କରୁଥିଲେ । ରାଉରକେଲା ର ଶୁଭଙ୍କର ବିଶ୍ୱାସ ମ୍ୟାନ ଅଫ୍ ମ୍ୟାଚ଼ ଭାବେ ପୁରସ୍କୃତ ହୋଇଥିଲେ । ।ପ୍ରମୋଦ ସିହ୍ନା ,ଦେବେନ୍ଦ୍ର ମିଶ୍ର କ୍ୱାର୍ଟର ଫାଇନାଲ ମ୍ୟାଚ୍ କୁ ପରିଚ଼ାଳନା କରିଥିଲେ । ରାଜେନ୍ଦ୍ର ଦଳାଇ ସ୍କ ?ର ବୋର୍ଡ ପରିଚ଼ାଳନା କରିଥିଲେ । ୨୬ ତାରିଖ ଭୁବନେଶ୍ୱର ର ରାମେଶ୍ୱର ସ୍ପ ?ର୍ଟିଂ ଓ ରାଉରକେଲା ସ୍ପ ?ର୍ଟ୍ସ ଏକାଡେମୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ଼ ଅନୁଷ୍ଠିତ ହେବ ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଳିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Saturday April 26 ଭୁବନେଶ୍ୱର ଶନିବାର, ୨୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ କ୍ରିକେଟ ଲିଗ ର ଫାଇନାଲ ରେ ଡିକେଟି ଷ୍ଟାର ଓ ଶ୍ରୀରାମ ସ୍ପୋର୍ଟିଂ

ପାରାଦୀପ,(ପି.ଏନ): ପାରାଦୀପ ର ମଧୁବନ ସ୍ଥିତ ଏନଏସି ପଡିଆରେ ଆୟୋଜିତ ପାରାଦୀପ କ୍ରିକେଟ ଲିଗ (ପିସିଏଲ) ର ତୃତୀୟ ସଂସ୍କରଣ ଗଙ୍ଗାଧର ଜେନା ଆମନ୍ତ୍ରଣ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଦିନ ଅନୁଷ୍ଠିତ ଦୁଇଟି ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସେମି ଫାଇନାଲ ରେ ଡିକେଟି ଷ୍ଟାର ନିର୍ଦ୍ଧାରିତ ୨କ୍ଷ ଓଭର ରେ ୧୬୧ ରନ କରି ୭ ଉଇକେଟ ହରାଇଥିବା ବେଳେ ଏହାର ଜବାବ ରେ ଜସିସି ୱାରିୟର୍ସ ୯ ଉଇକେଟ ହରାଇ ୧୪୩ ରନ କରି ୧୮ ରନ ରେ ପରାସ୍ତ ହୋଇଥିଲା । ଏହି ମ୍ୟାଚ୍ ରେ ଡିକେଟି ଷ୍ଟାର ର ଦିନା ଦାସ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ । ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସ୍ୟାଣ୍ଡ ବିଚ୍ ପାନ୍ଥର ଦଳର



୧୨୪ ରନ ଜବାବରେ ଶ୍ରୀରାମ ସ୍ପୋର୍ଟିଂ ୧୪.୧ ଓଭର ରେ ୩ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ୭ ଉଇକେଟ ରେ ବିଜୟୀ ହୋଇଥିଲା କ୍ଷ ଏଥିରେ ଶ୍ରୀରାମ ସ୍ପୋର୍ଟିଂ ର ପ୍ରକାଶ ଜେନା ୫ ଉଇକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଏବଂ ଆସନ୍ତା ରବିବାର ଦିନ ଫାଇନାଲ ରେ ଉଭୟ ସେମିଫାଇନାଲ ବିଜେତା ପରସ୍ପରକୁ ଭେଟିବେ । ତେବେ ଏହି ସେମିଫାଇନାଲ ମ୍ୟାଚ୍ ରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ର ସଭାପତି ପଙ୍କଜ ଲୋଚ଼ନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଓସିଏ ର କୋଷାଧକ୍ଷ ବିକାଶ ପ୍ରଧାନ,ପିସିଏଲ ର ସଭାପତି ରବି ଦାସ, ସଭାପତି, ଉପସଭାପତି ଅକ୍ଷୟ ସୁତାର, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ପତି, ଯୁଗ୍ମ ସମ୍ପାଦକ ଭରଦ୍ୱାଜ ସାହୁ, ଉପସଭାପତି ସୁବାସ ଆଚ଼ାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ମ୍ୟାନ ଅଫ ଦ ମ୍ୟାଚ୍ ଖେଳାଳି ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡର ପୁନର୍ଗଠନ ଦାବି

କେନ୍ଦ୍ରାପଡ଼ା,(ପି.ଏନ): ଓଡିଶା ରାଜସ୍ୱ ଅମଲା ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କ କେନ୍ଦ୍ରାପଡା ଜିଲ୍ଲାଗ୍ରସ୍ତ ପରିପ୍ରେକ୍ଷୀରେ ଓଡିଶା ରାଜସ୍ୱ ଅମଲା ସଂଘର କେତେକ ପୂରଣ ଅପେକ୍ଷାରେ ଥିବା ନାର୍ଯ୍ୟ ଦାବି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ଜିଲ୍ଲା ପ□ାୟତ କାର୍ଯ୍ୟାଳୟ, ବେଷାମରିକ ଯୋଗାଣ କାର୍ଯ୍ୟାଳୟ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଜିଲ୍ଲା ଯୋଜନା ଓ ସମନ୍ୱୟ ଏକକ କାର୍ଯ୍ୟାଳୟ, ଆ□ଳିକ ପରିବହନ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପ□ାୟତ ସମିତି କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ଅନ୍ୟ କେତେକ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ, ଦୈବୀ ଦୁର୍ବିପାକ, ବନ୍ୟା, ବାତ୍ୟା, ମହାମାରୀ, ନିର୍ବାଚନ ଓ ଜନଗଣନା ଭଳି ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଏଥିସହିତ ବିଭିନ୍ନ ପ୍ରକାର ସରକାରୀ ପ୍ରଣୀତ ଜନ ହିତକାରୀ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ଉପରୋକ୍ତ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଅମଲାମାନେ ଅହୋରାତ୍ର ସେବା ପ୍ରଦାନ କରିଥାନ୍ତି । ଓଡିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ବିଗତ ବର୍ଷମାନଙ୍କରେ ସରକାରଙ୍କୁ ବିଭିନ୍ନ ଦାବି ସଂକ୍ରାନ୍ତରେ ଲିଖିତ ମେମୋରାଣ୍ଡମ ଓ ବିଭିନ୍ନ ସମୟରେ ସମୂହ ଛୁଟି ଓ



ଆନ୍ଦୋଳନ ଭଳି ପନ୍ଥା ଅବଲମ୍ବନ କରାଯାଇଥିଲେ ବି କନିଷ୍ଠ ରାଜସ୍ୱ ସହାୟକମାନଙ୍କ ଦରମା ବୃଦ୍ଧି ପ୍ରତି ଉଦାସୀନ ରହି ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡର ପୁନର୍ଗଠନ ନିମି□ ଜିଏ ଆଣ୍ଡ୍ ପିଜି ଡିଇପିଟି. ରିସଲୁସନ୍ ନଂ- ୮୮୯୮ ତା ୧୫।୦୩। ୨୦୨୪ରିଖରେ କରାଯାଇଥିଲେ ମଧ ଅଦ୍ୟାବଧି ତାହା କାର୍ଯ୍ୟକାରୀ କରାଯାଇନାହିଁ । ଅଧିକନ୍ତୁ ସେକସନ୍ ଅଫିସର ପଦବୀକୁ ପ୍ରମୋଶନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଫଳତଃ କର୍ମଚାରୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ଓଡିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ଶାଖା ନିମ୍ନୋକ୍ତ ଦାବି ପ୍ରତି ଅନୁଧାନ କରିବାକୁ ମନ୍ତ୍ରୀଙ୍କୁ କହିଛନ୍ତି । ସେଗୁଡ଼ିକ ହେଲା ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡର ପୁନର୍ଗଠନ ତ୍ୱରାନ୍ୱିତ କରାଯାଇ ପଦୋନ୍ନତି ଉପରେ ଜାରି କରାଯାଇଥିବା ସରକାରୀ ସ୍ଥଗିତାଦେଶ ପ୍ରତ୍ୟାହାର କରି ପଦୋନ୍ନତି ଭି□କ ପଦବୀଗୁଡିକର ତୁରନ୍ତ ପୂରଣ କରାଯିବା, କନିଷ୍ଠ ରାଜସ୍ୱ ସହାୟକମାନଙ୍କ ପଦୋନ୍ନତି ପାଇଁ ଉଲ୍ଲେଖ ଥିବା ରେସିଡେନ୍ସି ପିରିୟଡ୍ ୬ ବର୍ଷ ପରିବ□େ ୪ ବର୍ଷ କରାଯିବା, କ୍ୟାଡର ପୁନର୍ଗଠନ ଓ ପଦବୀ ମଞ୍ଜୁର ଭାବଦରେ ସମସ୍ତ ଜିଲ୍ଲାପାଳମାନେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଦେଇଥିବା ଚିଠିକୁ ଧ୍ୟାନଦେଇ କନିଷ୍ଠ ରାଜସ୍ୱ ସହାୟକ, ସହ ଉପ ବିଭାଗ ଅଧିକାରୀ, ଉପ ବିଭାଗ ଅଧିକାରୀ, ସଂସ୍ଥା ଅଧିକାରୀ, ବରିଷ୍ଠ ସଂସ୍ଥା ଅଧିକାରୀ ପଦବୀମାନ ସୃଷ୍ଟି କରାଯିବା, ଉକ୍ତ ପଦବୀ ସମ୍ପର୍କିତ ଓଏମଏସ ରୁଲ, ୨୦୧୯ମାନ ସଂଶୋଧନ ଅଣାଯିବା, ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଏବଂ ତାଙ୍କ ପରିବାରସଦସ୍ୟଙ୍କୁ ସରକାରୀ ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ କରାଯିବାକୁ ଦାବି କରାଯାଇଛି ।

# ଶ୍ରମିକଙ୍କୁ ଦରମା ନଦେଇ ଶୋଷଣ ମାମଲା : ଠିକା ସଂସ୍ଥାକୁ ସମର୍ଥନ ଦେଲେ ଶ୍ରମିକ-ରାଜନୈତିକ ଆକ୍ରୋଶର ଶୀକାର ହେଉଛନ୍ତି ଠିକା ସଂସ୍ଥା

ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ଜେ.ଏମ୍.ବକ୍ସି ଅଧିନରେ ଦୀର୍ଘ ଦିନ ଧରି ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ କାମ କରି ଆସୁଛି । ଏହି ସଂସ୍ଥା ଅଧିନରେ କାମ କରୁଥିବା କିଛି ଶ୍ରମିକ ସଂସ୍ଥା ବିରୋଧରେ ମିଥ୍ୟା ଅଭିଯୋଗ କରି ସଂସ୍ଥାକୁ ବଦନାମ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ସଂସ୍ଥାର ଅନ୍ୟ କର୍ମଚାରୀମାନେ । ସଂସ୍ଥାର ମାଲିକ ଶ୍ରମିକମାନଙ୍କୁ ସଠିକ୍ ସମୟରେ ଦରମା ଦେଇଥାନ୍ତି, କୋଭିଡ୍ ସମୟରେ କାମ ବନ୍ଦ ଥିବା ସମୟରେ ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କୁମରକାନ୍ତି ମହାନ୍ତି ଶ୍ରମିକମାନଙ୍କୁ ଘରେ ବସେଇ ଦରମା ଦେବା ସହିତ ନିୟମିତ ଭାବେ ଶ୍ରମିକମାନଙ୍କ ପରିବାର କଥା ବୁଝିଥିଲେ ବୋଲି ସୁପରଭାଇଜର ଭାବେ କାମ କରୁଥିବା ପ୍ରମୋଦ ପ୍ରଧାନ ଶୁକ୍ରବାର ଦିନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କମ୍ପାନୀରେ ରିଗର ଭାବେ କାମ କରୁଥିବା ଶିଶିର ଦଳାଇ କହିଛନ୍ତି ପ୍ରତ୍ୟେକ ମାସର ୧ତାରିଖରୁ ୮ତାରିଖ ମଧ୍ୟରେ ଆମକୁ ଦରମା ମିଳୁଛି । ହେଲେ ରାଜନୈତିକ ଅଭିସନ୍ଧି ନେଇ କିଛି ଖଳବ୍ୟକ୍ତି ଆମ ସଂସ୍ଥାକୁ



ବଦନାମ କରିବା ସହିତ ଆମ ମାଲିକଙ୍କୁ ବଦନାମ କରିବାକୁ ଚେଷ୍ଟା କରିଛନ୍ତି । ସଂସ୍ଥା ବିରୁଦ୍ଧରେ ଅଭିଯୋଗ କରିଥିବା ଶ୍ରମିକମାନଙ୍କୁ ମଧ୍ୟରୁ ବହୁ ଅଭିଯୋଗକାରୀ ଏବେ ସେମାନଙ୍କ ଭୂଲ ବୁଝିପାରି ଫେରି ଆସିଲେଣି ବୋଲି ଶିଶିର ଦଳାଇ କହିଛନ୍ତି । ସଂସ୍ଥାର ଅନ୍ୟତମ ସୁପରଭାଇଜର ଅଲେଖ ରାଉତ ସେମାନଙ୍କୁ ସଂସ୍ଥାକୁ ବଦନାମ ନକରିବା ସହିତ ଖଳବ୍ୟକ୍ତିଙ୍କଠାରୁ ଦୂରେଇ ରହି ପରିବାର କଥା ଚିନ୍ତି କରିବାକୁ ଶ୍ରୀ ରାଉତ ଅନୁରୋଧ କରିଥିଲେ । ସଂସ୍ଥାରେ ଦୀର୍ଘ ଦିନ ଧରି କାମ କରି ଆସୁଥିବା ନିରଂଜନ ଜେନା କହିଛନ୍ତି ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ଏକ ଭଲ ସଂସ୍ଥା । ସଂସ୍ଥାର ମାଲିକ ଶ୍ରୀ ମହାନ୍ତି ସବୁବେଳେ ଆମକୁ ପ୍ରାଧାନ୍ୟ ଦେଇଆସିଛନ୍ତି । ସଟ୍‌ଡାଉନ୍ ସମୟରେ କାମ କମିଯାଇଥାଏ, ହେଲେ ଆମେ ମାନେ କାମ ନକଲେ ଦରମା ନାହିଁ । ଏକଥାକୁ ସେମାନେ ଭୂଲି ଭୁଲ ବାଟରେ ଯାଇ ସଂସ୍ଥାକୁ ବଦନାମ କରୁଛନ୍ତି । ଯାହାକି ମହାଭୁଲ, ସେମାନେ ଯେଉଁ ଭଳି ଭାବେ କାମ କରୁଥିଲେ ସେହିଭଳି ଭାବେ କାମ କରିବାକୁ ଶ୍ରୀ ଜେନା ନିବେଦନ କରିଥିଲେ । ପ୍ରକାଶଥାଉକି, ଇଣ୍ଡୋ ଗ୍ଲୋବାଲ୍ ଏଚଆର୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ପାରାଦୀପରେ ଦୀର୍ଘ ଦିନ ହେବ କାମ କରିଆସୁଛି । ସଂସ୍ଥା ନାମରେ କେବେବି କୌଣସି ଶ୍ରମିକମାରଣର ଅଭିଯୋଗ ନାହିଁ । ଅନ୍ୟ ଜିଲ୍ଲାର କିଛି ରାଜନୈତିକ ବ୍ୟକ୍ତି ସଂସ୍ଥାର ମାଲିକଙ୍କ ବିରୁଦ୍ଧରେ ରାଜନୈତିକ ହୀନ ଅଭିସନ୍ଧି ନେଇ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସଂସ୍ଥାର ମୁଖ୍ୟ ମାଲିକ କୁମରକାନ୍ତି ମହାନ୍ତି କହିଛନ୍ତି । ସିଧାସଳଖ ଭାବେ ତାଙ୍କର କୌଣସି ରାଜନୈତିକ ଦଳ ସହିତ ସମ୍ପର୍କ ନାହିଁ କି ସେ ସକ୍ରିୟ ରାଜନୀତିରେ ନାହାଁନ୍ତି । ଅଯଥାରେ ତାଙ୍କ ବ୍ୟବସାୟରେ ବାଧା ସୃଷ୍ଟି ତାଙ୍କୁ ବହୁତ କଷ୍ଟ ଦେଇଛି ବୋଲି ସେ କହିଛନ୍ତି ।

# ଗ୍ୟାସ କଳାବଜାରୀ ବ୍ୟବସାୟୀ ଗିରଫ : ୧୨୦ ସିଲିଣ୍ଡର ଜବତ କଲା ପାରାଦୀପ ଲକ୍ ଥାନା ପୋଲିସ

ପାରାଦୀପ,(ପି.ଏନ): ପାରାଦୀପ ଗଡ଼ ନିକଟସ୍ଥ ନିମିଡ଼ିହି ଅଞ୍ଚଳରେ ଗ୍ୟାସ କଳାବଜାରୀ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାରାଦୀପ ଲକ୍ ଥାନା ପୋଲିସ ଚ଼ଢ଼ାଉ କରି ଚୋରା ବ୍ୟବସାୟୀ ସଞ୍ଜୟ ପୃଷ୍ଟି ଓରଫ୍ କାଳିଆକୁ ଗିରଫ କରିବା ସହିତ ୧୨୦ ଟି



ସିଲିଣ୍ଡର ଜବତ କରିଥିଲା । ଏହି ଜବତ ଗ୍ୟାସ ସିଲିଣ୍ଡର ମଧ୍ୟରେ ୧୪.୨ କେଜିଆ ୮୫ଟି ଘରୋଇ ଗ୍ୟାସ ସିଲିଣ୍ଡର ଓ ୩୫ଟି ୫ କେଜିଆ ଗ୍ୟାସ ସିଲିଣ୍ଡର ଅନ୍ତର୍ଭୁକ୍ତ । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଏତେ ପରିମାଣର ଗ୍ୟାସ ସିଲିଣ୍ଡର କେଉଁଠୁ ଆସିଲା ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ନେଇ ସୂଚ଼ନା ଦେଇଛନ୍ତି ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମି ରଞ୍ଜନ ଦାସ ।

# ଏଚପି ପକ୍ଷରୁ ନେକ୍ସଟ-ଜେନ ଏଆଇ ପିସିଗୁଡିକର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଏଚ୍‌ପି ପକ୍ଷରୁ ଭାରତରେ ଏହାର ସବୁଠାରୁ ଶକ୍ତିଶାଳୀ ଓ ବିସ୍ତୃତ ରେର ନେକ୍ସଟ-ଜେନ ଏଆଇ ପିସିଗୁଡିକର ଉନ୍ମୋଚନ କରାଯାଇଛି । ନୂଆ ଏଚ୍‌ପି ଏଲିଟବୁକ୍‌ଏ ଏଚ୍‌ପି ପ୍ରୋବୁକ ଓ ଏଚ୍‌ପି ଓମ୍‌ନିବୁକ ସିରିଜକୁ ବୃହତ ଉଦ୍ୟୋଗ, ଷ୍ଟାର୍ଟଅପ ଓ ରିଟେଲ ଉପଭୋକ୍ତାଙ୍କ ଭଳି ଗ୍ରାହକଙ୍କ କମ୍ପ୍ୟୁଟିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ କରାଯାଇଛି । ଇଂଟେଲ କୋର ଅଲଟ୍ରା ୨୦୦ ଭି ସିରିଜ୍, ଏଏମ୍‌ଡି ରାଇଜେନ୍ ଏଆଇ ୩୦୦ ସିରିଜ୍ ଏବଂ କ୍ୱାଲକମ ସ୍ନାପଡ୍ରାଗନ ଏକ୍ସ, ଏକ୍ସ ଏଲିଟ, ଏକ୍ସ ପ୍ଲସ ସମେତ ନୂଆ ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ ଏହି ପୋର୍ଟଫୋଲିଓ ଏକ ଡେଡିକେଟେଡ ନ୍ୟୁରାଲ ପ୍ରୋସେସିଂ ୟୁନିଟ (ଏନପିୟୁ) ସହ ସୁସଜ୍ଜିତ ରହିଛି, ଯାହା ପ୍ରତି ସେକେଣ୍ଡ ପିଛା ୪୦ରୁ ୫୫ ଟ୍ରିଲିୟନ ଅପରେଶନ ପାଇଁ ସକ୍ଷମ ଅଟେ । କୋପାଇଲଟ+ ପିସି ଭାବେ ସେଗୁଡିକ ମୂଳ କମ୍ପ୍ୟୁଟିଂ ଅନୁଭୂତିରେ ଏଆଇକୁ ଅନ୍ତର୍ଭୁକ୍ତ କରିଛନ୍ତି ଯାହା ଶକ୍ତିଶାଳୀ ଓ ଅନ୍ତର୍ନିହିତକାରୀ ଶୈଳୀରେ ଉତ୍ପାଦକତା, ସୃଜନଶୀଳତା ଓ ସହଭାଗିତାକୁ ଉନ୍ନତ କରିଥାଏ । ଏସମ୍ପର୍କରେ ଏଚ୍‌ପି ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଇପ୍‌ସିତା ଦାସଗୁପ୍ତା କହିଛନ୍ତି, ନ୍ତଏଚ୍‌ପିରେ ଆମେ ଆର୍ଥିକ ସେବା ଓ ରିଟେଲ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସାର୍ଥକ ଉଦ୍ଭାବନ ପ୍ରଦାନ କରିବା, ଉତ୍ପାଦକତାକୁ ଆଗକୁ ବଢାଇବା ଓ ଆର୍ଥିକ ସୁଯୋଗଗୁଡିକୁ ସକ୍ଷମ କରିବା ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଭାବେ ଦେଖୁଛୁ, ଯାହା ଭବିଷ୍ୟତର କାର୍ଯ୍ୟକୁ ପୁନଃପରିଭାଷିତ କରିବ।ନ୍ତ ନେକ୍ସଟ-ଜେନ ଏଆଇ କ୍ଷମତାଗୁଡିକ ଦ୍ୱାରା ପରିଚାଳିତ ଏହି ରେ ଭିଡିଓ କଲ ସମୟରେ ରିଅଲ-ଟାଇମ ନଏଜ କ୍ୟାନ୍ସେଲେଶନ ଓ ଅଟୋ-ଫ୍ରେମିଂଠାରୁ ଆରମ୍ଭ କରି ବ୍ୟକ୍ତିଗତ କାର୍ଯ୍ୟ ଶୈଳୀକୁ ପର୍ସନାଲାଇଜ କରୁଥିବା ଅନୁକୂଳ କାର୍ଯ୍ୟଦକ୍ଷତା ପର୍ଯ୍ୟନ୍ତ ଇଂଟେଲିଜେଂଟ ପରଫର୍ମାନ୍ସ ଏନ୍‌ହାନ୍ସମେଂଟ ପ୍ରଦାନ କରୁଛି । ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫ, ସହଜ ମଲ୍ଟିଟାସ୍କିଙ୍ଗ ଓ ଏଂଟରପ୍ରାଇଜ-ଗ୍ରେଡ ସୁରକ୍ଷା ସହିତ ଏହି ରେ ପେସାଦାର ବ୍ୟକ୍ତିମାନଙ୍କୁ ଯେକୌଣସି ସ୍ଥାନରୁ ଉତ୍ପାଦନକ୍ଷମ ଓ ସୁରକ୍ଷିତ ରହିବାରେ ସାହାଯ୍ୟ କରିଥାଏ । ଏହି ଶୃଙ୍ଖଳାରେ ଏଚ୍‌ପି ଏଲିଟବୁକ ୮(ଜି୧ ଆଇ, ଜି୧ ଏ), ଏଚ୍‌ପି ଏଲିଟବୁକ ୬ (ଜି୧କ୍ୟୁ ଜି୧ଏ) ଓ ଏଚ୍‌ପି ପ୍ରୋବୁକ ୪ ଜି୧କ୍ୟୁ ସାମିଲ ରହିଛି । କ୍ରିଏଟର, ଫ୍ରିଲାନ୍ସର ଓ ଦୈନନ୍ଦିନ ବ୍ୟବହାରକାରୀଙ୍କ ପାଇଁ ଏଚପି ଓମ୍‌ନିବୁକ ସିରିଜ ବ୍ୟକ୍ତିଗତ ଉତ୍ପାଦକତା ଓ ସୃଜନଶୀଳତା ପାଇଁ ଏଆଇର ଶକ୍ତି ଆଣିଛି । ଏହି ଶୃଙ୍ଖଳାରେ ଏଚପି ଓମ୍‌ନିବୁକ ଅଲ୍‌ଟ୍ରା ୧୪ ଇଂଚ, ଏଚପି ଓମ୍‌ନିବୁକ ୫ ୧୬ଇଂଚ, ଏଚପି ଓମ୍‌ନିବୁକ ୭ ଏରୋ ୧୩ ଇଂଚ ଓ ଏଚପି ଓମ୍‌ନିବୁକ ଏକ୍ସ ୧୪ ଇଂଚ ସାମିଲ ରହିଛି । ଏଚ୍‌ପି ଇଣ୍ଡିଆର ପର୍ସନାଲ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ବୀନିତ ଗେହାନି କହିଛନ୍ତି, ନ୍ତଏଚ୍‌ପିର ନେକ୍ସଟ-ଜେନେରେଶନ ଏଆଇ ପିସିଗୁଡିକ ଏକାଧିକ ମୂଲ୍ୟ ବର୍ଗରେ କାର୍ଯ୍ୟଦକ୍ଷତା, ସୁରକ୍ଷା ଓ ପ୍ରାଇଭେସି ଫିଚର ଏବଂ ବ୍ୟାଟେରୀ ଲାଇଫକୁ ବହୁ ମାତ୍ରାରେ ଉନ୍ନତ କରୁଛନ୍ତି ଯାହା ଭାରତୀୟ ଉପଭୋକ୍ତା ଓ ବ୍ୟବସାୟଗୁଡିକ ପାଇଁ କାର୍ଯ୍ୟ କରିଥାଏ ଆମେ ଏଆଇ କମ୍ପ୍ୟୁଟିଂର ଭବିଷ୍ୟତକୁ ଭାରତ ପାଇଁ ଅଧିକ ସମାବେଶୀ ଓ ପ୍ରାସଙ୍ଗିକ କରି ଗର୍ବିତ ଅନୁଭବ କରୁଛୁ।ନ୍ତ ଏଚ୍‌ପି ଅନ୍‌ଲାଇନ ଷ୍ଟୋରରେ ଏଚପି ଏଲିଟବୁକ ୮ ଜି୧ଆଇ ୧୪୬,୬୨୨ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ, ଏଚପି ଏଲିଟବୁକ ୬ ଜି୧କ୍ୟୁ ୮୭,୪୪୦ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଏବଂ ଏଚପି ପ୍ରୋବୁକ ୪ ଜି୧କ୍ୟୁ ୭୭,୨୦୦ଟଙ୍କାର ପଆାରମ୍ଭିକ ମୂଲ୍ୟରେ ଅର୍ଡର ପାଇଁ ଉପଲବ୍ଧ ରହିଛି । ଏଚ୍‌ପି ଅନ୍‌ଲାଇନ ଷ୍ଟୋରରେ ଏଚ୍‌ପି ଏଲିଟବୁକ ୮ ଜି୧ଏର, ଏଚ୍‌ପି ଏଲିଟବୁକ ୬ ଜି୧ଏର ପ୍ରାରମ୍ଭିକ ମୂଲ୍ୟ ଖୁବ୍‌ଶୀଘ୍ର ଉପଲବ୍ଧ ହେବ । ଏଚ୍‌ପି ୱାର୍ଲ୍ଡ ଷ୍ଟୋରରେ ଏଚ୍‌ପି ପ୍ରୋବୁକ୪ ଜି୧ କ୍ୟୁ ୭୭,୨୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ରହିଛି । ଏଚ୍‌ପି ଓମ୍‌ନିବୁକ ଅଲ୍‌ଟ୍ରା ୧୪ ଇଂଚର ମୂଲ୍ୟ ୧୮୬,୪୯୯ ଟଙ୍କାରୁ ଆରମ୍ଭ ହେଉଛି । ଉପଭୋକ୍ତାମାନେ ଏଚ୍‌ପି ୱାର୍ଲ୍ଡ ଷ୍ଟୋର ଓ ଏଚ୍‌ପି ଅନ୍‌ଲାଇନ ଷ୍ଟୋର ମାଧ୍ୟମରେ ଏଚ୍‌ପି ଓମ୍‌ନିବୁକ ଅଲ୍‌ଟ୍ରାକୁ କ୍ରୟ କରିପାରିବେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray